- Vol.- 46, Issue No. 213
- Wednesday, 4 November 2026
- ବୁଧବାର,୪ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ

# ଓଡ଼ିଶାକୁ ଆସିବ ୧.୧୭ ଲକ୍ଷ କୋଟିର ପୁଞ୍ଜିନିବେଶ




- ଉତ୍ପାଦନ ହେବ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍
- ଓଡ଼ିଶା ପାଇଁ ଏକ ଐତିହାସିକ କ୍ଷଣ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୩।୧୧: ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀରେ ଓଡ଼ିଶା ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏଥିରେ ଓଡିଶା ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ । ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍‌ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ। ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ। ସ୍ଥିର ଓ ସ୍ପଷ୍ଟ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପ ଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି। କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି।


## ପ୍ରଦର୍ଶନ ନାମରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ସ୍ଥାନକୁ ଦଖଲ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୧୧: ସୁପ୍ରିମକୋର୍ଟ କେନ୍ଦ୍ରୀୟ ଦିଲ୍ଲୀର ପ୍ରତିବାଦ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଛନ୍ତି ଯେ, ପ୍ରଦର୍ଶନ ନାମରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ସ୍ଥାନକୁ ଦଖଲ କରାଯାଇପାରିବ ନାହିଁ। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଆପଣ ସବୁଦିନ ପାଇଁ କୌଣସି ସ୍ଥାନ ଦଖଲ କରିପାରିବେ ନାହିଁ, ଅନ୍ୟ ପ୍ରତିବାଦକାରୀ ମଧ୍ୟ ଅଛନ୍ତି। ଚାଷୀମାନେ କୁଆଡ଼େ ଯିବେ, ଆଇନଜୀବୀମାନେ କୁଆଡ଼େ ଯିବେ? ସେ କହିଛନ୍ତି, ସମସ୍ତଙ୍କର ପ୍ରତିବାଦ କରିବାର ଅଧିକାର ଅଛି। ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଧାର୍ଯ୍ୟ ହେବା ଉଚିତ୍ ଏବଂ ସମସ୍ତଙ୍କୁ ତାହା ପାଳନ କରିବାକୁ



ପଡିବ। ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, ଜୁଲାଇ ୨୦ ତାରିଖରେ ପ୍ରତିବାଦ ପାଇଁ ଅନୁମତି କେବଳ ଗୋଟିଏ ଦିନ ପାଇଁ ଦିଆଯାଇଥିଲା, କିନ୍ତୁ ପ୍ରତିବାଦକାରୀମାନେ ସ୍ଥାନ ଖାଲି କରିନଥିଲେ ଏବଂ ଏହାକୁ ଦଖଲ କରି ଚାଲିଥିଲେ। ସେମାନେ ସଂସଦ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ସଂସଦ କେବଳ ଏକ ରାଜନୈତିକ କୋଠା ନୁହେଁ। ଆପଣ ସଂସଦ ଅଭିମୁଖେ ଶୋଭାଯାତ୍ରା କରିପାରିବେ ନାହିଁ। ଆପଣ ସୁପ୍ରିମକୋର୍ଟ ଅଭିମୁଖେ ମଧ୍ୟ ଶୋଭାଯାତ୍ରା କରିପାରିବେ ନାହିଁ। ସିଜେଆଇ କହିଛନ୍ତି,ଦୋକାନୀ ଏବଂ ରାସ୍ତାର ବୁଲା ବିକାଳିମାନେ କୁଆଡ଼େ ଯିବେ? ଆମକୁ ପ୍ରତିବାଦ ପାଇଁ ଏପରି ଏକ ସ୍ଥାନ ଚିହ୍ନଟ କରିବାକୁ ପଡିବ ଯାହା ଗରିବ ବ୍ୟବସାୟୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରିବ ନାହିଁ।

## ଚାନ୍ଦିପୁରରୁ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର,୩।୧୧: ଚାନ୍ଦିପୁରରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଛି। ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ମଙ୍ଗଳବାର ଦିନ ୧୧ଟା ୧୯ଟାରେ ମିସାଇଲର ସଫଳ ପରୀକ୍ଷା ହୋଇଛି । ଲଞ୍ଚ କମ୍ପ୍ଲେକ୍ସ -୩ରୁ କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଥିଲା । ଏଥିପାଇଁ ଆଜି ସକାଳୁ ଲଞ୍ଚ କମ୍ପ୍ଲେକ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତରିତ କରାଯାଇଥିଲା । ବିଭିନ୍ନ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ଓ ସ୍କୁଲ ଗୃହ ଗୁଡିକୁ ଅସ୍ଥାୟୀ ଓ ସ୍ଥାୟୀ ଶିବିର ଭାବରେ ଚିହ୍ନଟ କରାଯାଇଥିଲା । ୨୫ଶହରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାୟୀ ଓ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତ କରାଯାଇଥିଲା । ଡିଆରଡିଓର ନିର୍ଦ୍ଦେଶ ପର୍ଯ୍ୟନ୍ତ ଲୋକମାନେ ଶିବିରରେ ରହିଥିଲେ । ଶିବିରରେ ଲୋକଙ୍କ ଖାଇବା ପିଇବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଡିଆରଡିଓ ପକ୍ଷରୁ ଲୋକଙ୍କୁ ଆର୍ଥିକ ସହାୟତା ସହ ସମସ୍ତ ଖର୍ଚ୍ଚ ବହନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।

## ୧୩ ସହରରେ ଖୋଲିବ ୨୯୦ ଇଭି ଚାର୍ଜିଂ ଷ୍ଟେସନ



ଭୁବନେଶ୍ୱର,୩।୧୧: ରାଜ୍ୟରେ ଖୋଲିପାରେ ଆଉ ୨୯୦ଟି ଇଭି ଚାର୍ଜିଂ ଷ୍ଟେସନ୍ । 'ପିଏମ୍ ଇ-ଡ୍ରାଇଭ୍' ଯୋଜନାରେ ଓଡ଼ିଶାର ୧୩ଟି ସହର ଓ ରାଜପଥରେ ନୂଆ ଇଭି ଚାର୍ଜିଂ ଷ୍ଟେସନ୍ ଖୋଲିବାକୁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ । ପ୍ରଥମ ପର୍ଯ୍ୟାୟର ୧୭୦ଟି ଷ୍ଟେସନ ପାଇଁ ମିଳିଛି ମଞ୍ଜୁରି । ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୨୯୦ଟି ଷ୍ଟେସନ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିଛି ରାଜ୍ୟ ।

### ବନ୍ୟା ବିପନ୍ନଙ୍କ ପାଇଁ ସରକାରଙ୍କ ବଡ଼ ପଦକ୍ଷେପ

## ୩ ଜିଲ୍ଲା ପାଇଁ ୪ ଆଇଏଏସ୍‌ଙ୍କୁ ଏସଆରସି କ୍ଷମତା




ଭୁବନେଶ୍ୱର,୩।୧୧: ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାକୁ ୪ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଗସ୍ତ କରିବେ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ପାଇଁ ୨ ଜଣ, ଗଜପତି ଓ କନ୍ଧମାଳ ଜିଲ୍ଲା ପାଇଁ ଜଣେ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ୪ ଜଣ ଅଧିକାରୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର କ୍ଷମତା ପ୍ରଦାନ କରାଯିବ। ସେମାନେ ସମ୍ପୃକ୍ତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତଙ୍କୁ ସହାୟତା ପ୍ୟାକେଜ୍ ପ୍ରଦାନ ଏବଂ ଭିତ୍ତିଭୂମି ମରାମତି କାର୍ଯ୍ୟର ତଦାରଖ କରିବେ। ଆବଶ୍ୟକତା ଅନୁଯାୟୀ ଦୁଇ ମାସ କିମ୍ବା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ସମ୍ପୃକ୍ତ ଜିଲ୍ଲାରେ ରହିବେ। ଅନ୍ୟପକ୍ଷରେ, ବାତ୍ୟା 'ମୁରାସୁ'ର ଓଡ଼ିଶା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ସିଧାସଳଖ ପ୍ରଭାବ ପଡ଼ିନାହିଁ। ରାଜ୍ୟରେ ସ୍ଥିତି ସ୍ୱାଭାବିକ ରହିଥିବାବେଳେ ଆଗାମୀ ପାଣିପାଗ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ମନ୍ତ୍ରୀ କହିଛନ୍ତି।

## ଜାନୁଆରୀ ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା

### ଜନଗଣନାରେ ୪୦ ପ୍ରଶ୍ନ, ଘର ଘର ବୁଲି ତଥ୍ୟ ନେବେ ଅଧିକାରୀ !

ଭୁବନେଶ୍ୱର,୩।୧୧: ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ଘର ଘର ବୁଲି ଲୋକଙ୍କୁ ୪୦ଟି ପ୍ରଶ୍ନ ପଚାରିବେ ଅଧିକାରୀ । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସହ ଜାତି ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରାଯିବ । ଜାନୁଆରୀ ୧୦ରୁ ଆରମ୍ଭ ହେବ ଏହି ପ୍ରକ୍ରିୟା । ଏଥର ପ୍ରଥମ ଥର ପାଇଁ ଡିଜିଟାଲ୍ ମାଧ୍ୟମରେ ହେବ ଜନଗଣନା । ଜନଗଣନା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି । ପ୍ରଥମ ପର୍ଯ୍ୟାୟରେ ଘର ଗଣନା ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ସଂଗ୍ରହ ହେବ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ । ଜାନୁଆରୀ ୧୦ରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମ ୧୫ ଦିନ ନାଗରିକମାନେ ନିଜ ତଥ୍ୟ ନିଜେ ପୋର୍ଟାଲ୍ ଓ ଆପ୍‌ରେ ଭରିପାରିବେ । ଏହାପରେ ଜାନୁଆରୀ ୨୫ରୁ ଫେବୃଆରୀ ୨୮ ଯାଏଁ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ ଜନଗଣନା ଅଧିକାରୀ । ଏଥର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପଚରାଯିବ ପ୍ରାୟ ୪୦ଟି ପ୍ରଶ୍ନ । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସମେତ ଜାତି ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରାଯିବ । ପ୍ରଥମ ଥର ପାଇଁ ଡିଜିଟାଲ୍ ଜନଗଣନା ହେଉଥିବାରୁ ଏଥିପାଇଁ ଅଧିକାରୀଙ୍କୁ ଦିଆଯାଉଛି ସ୍ୱତନ୍ତ୍ର ପ୍ରଶିକ୍ଷଣ । ଏବେ ମାଷ୍ଟର ଟ୍ରେନରମାନଙ୍କୁ ଟ୍ରେନିଂ ଦିଆଯାଉଛି । ପ୍ରତି ଜିଲ୍ଲାରୁ ଜଣେ ଲେଖାଏଁ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ନେବା ପରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ତାଲିମ୍ ଦେବେ । ଡିସେମ୍ବର ମାସ ଯାଏଁ ଚାଲିବ ଏହି ପ୍ରଶିକ୍ଷଣ ପ୍ରକ୍ରିୟା । ଆସନ୍ତା ଏପ୍ରିଲ୍ ମାସ ସୁଦ୍ଧା ଜନଗଣନା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଛି । ତେବେ ଡିଜିଟାଲ୍ ମାଧ୍ୟମରେ ହେବାକୁ ଥିବା ଏହି ଜନଗଣନାରେ ପ୍ରତ୍ୟେକ ନାଗରିକଙ୍କ ତଥ୍ୟ କିପରି ସଠିକ୍ ଭାବେ ସଂଗ୍ରହ ହେବ, ତାହା ଉପରେ ରହିଛି ଗୁରୁତ୍ୱ ।

## ହାବିଷ୍ୟାଳୀଙ୍କ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅନୁଦାନ

ଭୁବନେଶ୍ୱର,୩।୧୧: ପୁରୀରେ କାର୍ତ୍ତିକ ମାସ ହବିଷ୍ୟାଳୀ ବ୍ରତପାଇଁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩.୩୦ କୋଟି ଟଙ୍କା ଅନୁମୋଦିତ ହୋଇଛି। କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ହବିଷ୍ୟାଳୀ ମା'ମାନେ ଏକତ୍ରିତ ହୋଇଛନ୍ତି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀର ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ରଗୁଡ଼ିକରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ, କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। କାର୍ତ୍ତିକ ମାସରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ହବିଷ୍ୟାଳି ମା'ମାନେ ଯେପରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ଗାଡ଼ି ବ୍ୟବସ୍ଥା କରିବା ସହ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ଏବଂ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି।

## ବାତ୍ୟା କ୍ଷୟକ୍ଷତିର ଆକଳନ କଲା କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର,୩।୧୧: ବାତ୍ୟା 'ଅର୍ଣ୍ଣବ'ରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲାରେ ପହଞ୍ଚିଲା ୮ ଜଣିଆ କେନ୍ଦ୍ରୀୟ ଟିମ୍ । ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତିର ବାସ୍ତବ ସ୍ଥିତି ପରଖିଛନ୍ତି ଟିମ୍‌ର ସଦସ୍ୟ। କେଉଁଠି ଚାଷ ନଷ୍ଟ ହୋଇଛି ତ ଆଉ କେଉଁଠି ଧୋଇଯାଇଛି ପୋଲ, ଭାଙ୍ଗିଛି କଲଭର୍ଟ। ଆସନ୍ତା ଏକ ସପ୍ତାହ ମଧ୍ୟରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ମରାମତି କରି ଯୋଗାଯୋଗ ସ୍ୱାଭାବିକ କରିବା ଉପରେ ହୋଇଛି ଆଲୋଚନା । ଗ୍ରାଉଣ୍ଡ ଜିରୋରେ କେନ୍ଦ୍ରୀୟ ଟିମ୍। ବାତ୍ୟା 'ଅର୍ଣ୍ଣବ'ରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି ୮ ଜଣିଆ ଟିମ୍। ପ୍ରଥମେ ରାୟଗଡ଼ ବ୍ଲକର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଆର. ଉଦୟଗିରି ବ୍ଲକର ମକାପଦାରେ ପହଞ୍ଚିଥିଲେ । ସେଠାରେ ମକା ଓ ଧାନ ଚାଷର କ୍ଷୟକ୍ଷତି ଆକଳନ କରିଥିଲେ । ସେହିପରି ମୋହନା ବ୍ଲକର ଗୁଣ୍ଡିଗୁଡ଼ାରେ ଧୋଇଯାଇଥିବା ପୋଲ, ଖାରିଗୁଡ଼ାରେ କ୍ଷତିଗ୍ରସ୍ତ କଲଭର୍ଟ ଏବଂ ଲେଡ଼ବନ୍ଧ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥର କ୍ଷତିଗ୍ରସ୍ତ ଅଂଶ ବୁଲି ଦେଖିଥିଲେ। ଗ୍ରାଉଣ୍ଡରେ କ୍ଷୟକ୍ଷତିର ବାସ୍ତବ ଚିତ୍ର ଦେଖିବା ସହ ପୁନରୁଦ୍ଧାର କାର୍ଯ୍ୟ ନେଇ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲର ମରାମତି କରି ଯୋଗାଯୋଗ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ସମସ୍ତ କ୍ଷୟକ୍ଷତିର ତଥ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କେନ୍ଦ୍ରୀୟ ଟିମ୍‌ର ଅଧିକାରୀ କହିଛନ୍ତି।

# କୋଟିଆରେ ପୁଣି ଓଡ଼ିଶା-ଆନ୍ଧ୍ର ମୁହାଁମୁହିଁ

### ବ୍ୟାରିକେଡ୍ ଭାଙ୍ଗିଲା ଆନ୍ଧ୍ର ପୋଲିସ !



କୋରାପୁଟ,୩।୧୧: କୋଟିଆକୁ ନେଇ ପୁଣି ତେଜିଲା ଓଡ଼ିଶା-ଆନ୍ଧ୍ର ବିବାଦ। ସୀମାନ୍ତ ନେରିଡ଼ିୱାଲସାରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡ଼ିଶା ପୋଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୋଲିସ ଭାଙ୍ଗି ଦେଇଥିବା ଅଭିଯୋଗ। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବା ବେଳେ ପହଞ୍ଚିଛନ୍ତି କୋରାପୁଟ ଉପଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ। କୋଟିଆରେ ପୁଣି କାହିଁକି ଏଭଳି ପରିସ୍ଥିତି? ସୂଚନା ଅନୁସାରେ, କୋଟିଆକୁ ନେଇ ପୁଣି ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଉତ୍ତେଜନା। ଆନ୍ଧ୍ର ପ୍ରଦେଶ ପକ୍ଷରୁ ନିର୍ବାଚନୀ କାର୍ଯ୍ୟକଳାପକୁ ନେଇ କୋଟିଆ ସୀମାନ୍ତ ନେରିଡ଼ିୱାଲସାରେ ସୃଷ୍ଟି ହୋଇଛି ତିକ୍ତତା। କୋଟିଆ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ନିର୍ବାଚନୀ କାର୍ଯ୍ୟକଳାପ ଚଳାଇବାକୁ ଉଦ୍ୟମ ହୋଇଥିଲା। ଏହାକୁ ରୋକିବା ପାଇଁ ନେରିଡିୱାଲସା ଠାରେ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଯାଇଥିଲା। ତେବେ ଆନ୍ଧ୍ର ପୋଲିସ ଏହି ବ୍ୟାରିକେଡ୍ ଭାଙ୍ଗି ଦେଇଥିବା ଅଭିଯୋଗ ପରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ଘଟଣାସ୍ଥଳରେ ଉଭୟ ରାଜ୍ୟର ପୋଲିସ ମୁତୟନ ହୋଇଥିବାରୁ ପରିସ୍ଥିତି ତିକ୍ତ ହୋଇଛି। ସ୍ଥିତି ଉପରେ ନଜର ରଖିବା ସହ ଆଲୋଚନା ପାଇଁ କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ୍‌ଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। କୋଟିଆରେ ଆନ୍ଧ୍ରର ନିର୍ବାଚନୀ ଗତିବିଧିକୁ ନେଇ ପୂର୍ବରୁ ମଧ୍ୟ ବିବାଦ ଦେଖାଦେଇଥିବା ବେଳେ ଏହି ଘଟଣା ପୁଣିଥରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ବଢ଼ାଇଛି।

## ଆଇନ ଶୃଙ୍ଖଳା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ଭୁବନେଶ୍ୱର,୩।୧୧: କୋଟିଆର ନେରେଡିବାଲସାଠାରେ ଆନ୍ଧ୍ରର ଏଜେଣ୍ଟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ବଢ଼ିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଓଡିଶା ପୋଲିସ ପ୍ରଶାସନ। ପରିସ୍ଥିତି ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କୋଟିଆରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୪ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର ଓ ୨୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଆସନ୍ତା ୫ ତାରିଖରେ କୋଟିଆ ଅଞ୍ଚଳରେ ନିର୍ବାଚନ କରାଇବାକୁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ନେଇ ଅଞ୍ଚଳରେ ରାଜନୈତିକ ଓ ପ୍ରଶାସନିକ ତତ୍ପରତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ନେରେଡିବାଲସା ଠାରେ ଆନ୍ଧ୍ର ଏଜେଣ୍ଟ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। ଏହା ପୂର୍ବରୁ ଆଜି ନେରିଡ଼ିୱାଲସାରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡ଼ିଶା ପୋଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୋଲିସ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବା ବେଳେ ପହଞ୍ଚିଥିଲେ କୋରାପୁଟ ଉପଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ।

## ଅନ୍ତରଙ୍ଗ ଅନୁଗାମୀ



ହରିଦ୍ୱାର ଯାତ୍ରା ନିମନ୍ତେ ମନସ୍ଥ କରି ହାତରସ ରେଳ ଷ୍ଟେସନର ଏକ ସ୍ଥାନରେ ବସିଥାନ୍ତି ସ୍ୱାମୀ ବିବେକାନନ୍ଦ। କ୍ଷୁଧାତୁର ଥିଲେ, ତେଣୁ ମାନସିକ ସ୍ଥିତି ଠିକ୍ ନଥିଲା। ସେହି ଛୋଟକାଟର ଷ୍ଟେସନଟିରେ ଷ୍ଟେସନମାଷ୍ଟର ଭାବରେ କାର୍ଯ୍ୟରତ ଥିଲେ ଶରତଚନ୍ଦ୍ର ଗୁପ୍ତ। ଚୁମ୍ବକ ଲୁହାକୁ ଆକର୍ଷିତ କଲାପରି ଏକ ଅଜଣା ଆକର୍ଷଣରେ ଆକର୍ଷିତ ହୋଇ ଶରତଚନ୍ଦ୍ର ଚାଲିଯାଇଥିଲେ ବିବେକାନନ୍ଦଙ୍କ ନିକଟକୁ। ବୋଧହୁଏ ବିବେକାନନ୍ଦଙ୍କ ମୁଖମଣ୍ଡଳର ଅନନ୍ୟ ଦୀପ୍ତି, ତେଜସ୍ୱୀ ଚେହେରା ତାଙ୍କୁ ଆକୃଷ୍ଟ କରିଥିଲା। ଗୁଣ ଚିହ୍ନେ ଗୁଣିଆ ଭଳି ସ୍ୱାମୀଜୀଙ୍କ ନିକଟରେ ପହଞ୍ଚିବା ପରେ ଜାଣିପାରିଥିଲେ ସେ କ୍ଷୁଧିତ ଅଛନ୍ତି ବୋଲି। ନିଜ ସରକାରୀ ବାସଭବନକୁ ଆମନ୍ତ୍ରଣ କରିଥିଲେ ଭୋଜନ ତଥା ବିଶ୍ରାମ ନିମନ୍ତେ। ସାନ୍ନିଧ ଲାଭ ମାତ୍ରେ ଶରତଚନ୍ଦ୍ରଙ୍କଠାରେ ଅଦ୍ଭୁତ ପ୍ରତିକ୍ରିୟା ଦେଖା ଦେଇଥିଲା। ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ତାଙ୍କର ପଦାଙ୍କ ଅନୁସରଣ କରିବା ନିମନ୍ତେ ନିଜର ମନୋଭାବ ବ୍ୟକ୍ତ କରିଥିଲେ। ଗୈରିକବସନ ପରିଧାନ କରି, କାନ୍ଧରେ ଝୁଲା ପକାଇ ସନ୍ନ୍ୟାସୀର ଭୂମିକା ନିଭାଇବାକୁ ପ୍ରସ୍ତୁତ ହୋଇଯାଇଥିଲେ ଶରତଚନ୍ଦ୍ର। ସମଗ୍ର ବିଶ୍ୱକୁ ଆଧାତ୍ମିକତାର ଆଲୋକରେ ଆଲୋକିତ କରିବାକୁ ଯିଏ ସଂକଳ୍ପବଦ୍ଧ, ଭଙ୍ଗା ପଡ଼ିଯାଇଥିବା ଧର୍ମୀୟ ଚେତନାର ପୁନରୁତ୍ଥାନ ପାଇଁ ଯିଏ ଏକାନ୍ତ ଭାବରେ ନିଜକୁ ଉତ୍ସର୍ଗ କରିଦେଇଛନ୍ତି, ସେ ଖୋଜୁଥିଲେ ଏହି ଭଳି ଜଣେ ତ୍ୟାଗୀ ଶିଷ୍ୟ। ରାଷ୍ଟ୍ରର ପୁନରୁତ୍ଥାନ (ନୈତିକ, ଆଧାତ୍ମିକ) ଥିଲା ଜୀବନର ଏକମାତ୍ର ଲକ୍ଷ୍ୟ, ବ୍ରତ। ତେବେ ତତ୍କାଳୀନ ଭାରତବର୍ଷରେ ଏହା ଏତେ ସହଜ ନଥିଲା। ସାଗ୍ରହରେ ଶରତ ଚନ୍ଦ୍ର ଶିଷ୍ୟତ୍ୱ ସ୍ୱୀକାର କରିଥିଲେ। ପ୍ରଥମ ଶିଷ୍ୟ ହେବାର ଗୌରବ ଅର୍ଜନ କରିଥିଲେ ସେ। ଦୁହେଁ ତୀର୍ଥଯାତ୍ରା କାଳରେ ଅକଳ୍ପନୀୟ ଦୁଃଖକଷ୍ଟର ସମ୍ମୁଖୀନ ହୋଇଥିଲେ। ଶରତଚନ୍ଦ୍ର ଅନାହାର ଜନିତ ଦୁଃଖକଷ୍ଟ କାରଣରୁ ରୁଗ୍ଣ, ବ୍ୟାଧିଗ୍ରସ୍ତ ହୋଇ ପଡ଼ିଥିଲେ ହେଁ ଗୁରୁଙ୍କର ପଦାଙ୍କ ଅନୁସରଣରୁ ବିଚ୍ୟୁତ ହୋଇ ନଥିଲେ। ଭିକ୍ଷା ମାଗି ଜୀବନନିର୍ବାହ କରିବାକୁ ପଡୁଥିଲା। ମାନବରୂପୀ ମାଧବ ସେବା ନିମିତ୍ତ ଉତ୍ସର୍ଗୀକୃତ ବ୍ୟକ୍ତି ଥିଲେ ଶରତ ଚନ୍ଦ୍ର। ଚାକିରିର ମୋହ ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରିବା ଦିଗରେ ଥିଲା ଏକ ମହତ୍ ଲକ୍ଷ୍ୟ। ରାଷ୍ଟ୍ର ସେବା, ଜନସେବା, ଏହାକୁ ଶରତଚନ୍ଦ୍ର ଶିଷ୍ୟ ଭାବରେ ପରିପୂରଣରେ ସକ୍ଷମ ହୋଇଥିଲେ। ଜଣେ ଅନ୍ତରଙ୍ଗ ଅନୁଗାମୀ ଭାବରେ ସେ ଯେ ନିଜ ଭୂମିକା ନିଭାଇବାରେ ସକ୍ଷମ ହୋଇଥିଲେ, ଏହା ସମ୍ଭବ ହୋଇଥିଲା ସ୍ୱାମୀଜୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରେ।

## ନିଆରା ପ୍ରାୟଶ୍ଚିତ୍ତ



ଛତ୍ରପତି ଶିବାଜୀଙ୍କ ବାଲ୍ୟକାଳର ଗୁରୁଥିଲେ ଦାଦାଜୀ କୋଣ୍ଡଦେବ। (ପରବର୍ତ୍ତୀ ସମୟର ଗୁରୁଥିଲେ ରାମଦାସ)। କୋଣ୍ଡଦେବଙ୍କର ନିଷ୍ଠା, ସାଧୁତା ଓ ସଚ୍ଚୋଟ ପଣିଆରେ ଶିବାଜୀଙ୍କ ମାଆ ବୀରାଙ୍ଗନା ଜୀଜାବାଇ ପ୍ରୀତ ଥିଲେ। ମାଆଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ପୁନାର ଜାଗିରି ଭାର ଅର୍ପଣ କରିଥିଲେ। ଜାଗିରି ଇଲାକାରେ ଏକ ବଡ଼ ବଗିଚା ଥିଲା। କୋଣ୍ଡଦେବ ତା'ର ରକ୍ଷଣାବେକ୍ଷଣ କରୁଥିଲେ। ବଗିଚାର ଗୋଟିଏ ପାର୍ଶ୍ୱରେ ସୁନ୍ଦର ଫୁଲ ବଗିଚା, ଅପର ପାର୍ଶ୍ୱରେ ନାନାଦି ଫଳଗଛ ଥିଲା। ଗ୍ରୀଷ୍ମଋତୁ ଥିଲା, ଅପରାହ୍ଣ ସମୟ। ଆମ୍ବ ବଗିଚାରେ ବୁଲୁଥିବାବେଳେ କୋଣ୍ଡଦେବଙ୍କ ନଜରରେ ପଡ଼ିଥିଲା ପତ୍ରଗହଳରେ ଥିବା ଲାଲ ଟହଟହ ପାଚିଲା ଆମ୍ବ। ଏହାର ଲୋଭ ସମ୍ବରଣ କରି ପାରିନଥିଲେ, ଆମ୍ବ ଛିଡ଼ାଇ ନେଇ ଆସିଥିଲେ। ରାତିରେ ଭୋଜନ ନିମିତ୍ତ ଉପବେଶନ କରିବାକୁ ଯିବା ସମୟରେ ଆମ୍ବଟି ନଜରରେ ପଡ଼ିବାରୁ ଭାବାନ୍ତର ସୃଷ୍ଟି ହୋଇଥିଲା। ମନେ ମନେ ଭାବିଲେ- ମୁଁ ଏହି ବଗିଚାର ରକ୍ଷକ, ମାଲିକ ନୁହେଁ। ବଗିଚା ଉପରେ ଜୀଜାବାଇଙ୍କର ପୂର୍ଣ୍ଣ ଅଧିକାର ରହିଛି। ତାଙ୍କର ବିନା ଅନୁମତିରେ ବଗିଚାରୁ ଫଳ ଆଣିବା ଚୋରି ସହ ସମାନ। ମୋତେ ଏ ନିମନ୍ତେ ଦଣ୍ଡ ମିଳିବା ଉଚିତ। ଚୋରି କଥା ମନକୁ ଆସିବାରୁ ଗ୍ଲାନିରେ ଭରି ଯାଇଥିଲା କୋଣ୍ଡଦେବଙ୍କ ମନ। ଜଣେ ସିପାହିକୁ ଡାକି କହିଲେ- ମୁଁ ଚୋରି କରିଛି। ଏଇ ଅପରାଧରେ ମୋର ହାତ ଦୁଇଟି କାଟିଦିଅ। ସିପାହି କୋଣ୍ଡଦେବଙ୍କ ଠାରୁ ଏହା ଶୁଣି ତଟସ୍ଥ ହୋଇଯାଇଥିଲା। ଜୀଜାବାଇଙ୍କ ନିକଟକୁ ଯାଇ ଏହା କହିଥିଲା। ଜୀଜାବାଇ ମଧ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ତତ୍କ୍ଷଣାତ୍ କୋଣ୍ଡଦେବଙ୍କ ନିକଟକୁ ଯାଇ ସବୁ କଥା ଶୁଣିବା ପରେ ତାଙ୍କ ସଚ୍ଚୋଟ ପଣିଆ ଦେଖି ଖୁସିହୋଇ ନିଜ ନିଷ୍ପତ୍ତି ଶୁଣାଇ କହିଥିଲେ- 'ଅପରାଧ ନିମିତ୍ତ ଦଣ୍ଡଦେବା ମୋର ବିଚାର ପରିସରଭୁକ୍ତ। ତୁମେ ଏଥିରୁ କ୍ଷାନ୍ତ ହେବା ଉଚିତ।' କୋଣ୍ଡଦେବ ଜୀଜାବାଇଙ୍କର ନିଷ୍ପତ୍ତି ମାନି ନେଇଥିଲେ ଓ ହାତ କାଟିବା ଭଳି କଠୋର ନିଷ୍ପତ୍ତିରୁ କ୍ଷାନ୍ତ ହୋଇଥିଲେ। ହେଲେ ପ୍ରାୟଶ୍ଚିତ୍ତ ସ୍ୱରୂପ ଆପଣା କୁର୍ତ୍ତାର ହାତ ଦୁଇଟି କାଟି ଦେଇଥିଲେ ଏବଂ ସବୁଦିନ ପାଇଁ ହାତ ନଥିବା କୁର୍ତ୍ତା ପରିଧାନ କରିଥିଲେ। କେହି ତାଙ୍କୁ ପଚାରିଲେ ସେ ଚୋରି କଥା କହି ଦିଅନ୍ତି। ସାମାନ୍ୟ ଆମ୍ବଟିଏ ଚୋରି କରି କୋଣ୍ଡଦେବ ସାରାଜୀବନ କଟାହାତ କୁର୍ତ୍ତା ପରିଧାନ କରିଥିଲେ ପ୍ରାୟଶ୍ଚିତ୍ତ ସ୍ୱରୂପ। ବାସ୍ତବ ସତ୍ୟ ଏହା ଯେ ଧର୍ମଜ୍ଞାନ ମଣିଷର ବିକୃତ, କଳୁଷିତ ଚିତ୍ତକୁ ପରିଷ୍କାର କରି ସ୍ୱଚ୍ଛ ଦର୍ପଣ ସଦୃଶ କରିଦେଇଥାଏ। ଅନୁଚିତ କର୍ମ କରିବାକୁ ସେମାନଙ୍କ ବିବେକ ବାଧା ଦେଇଥାଏ। ସେମାନଙ୍କ ଚରିତ୍ରର ଏହି ମହାନ୍ ଦିଗ ହିଁ ସେମାନଙ୍କୁ ଅନ୍ୟମାନଙ୍କଠାରୁ ନିଆରା, ଭିନ୍ନ ପ୍ରତିପାଦିତ କରିଥାଏ।



## ନୃସିଂହନାଥ ମନ୍ଦିର

ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ବୈଷ୍ଣବ ମନ୍ଦିରଟି ବରଗଡ଼ ଜିଲ୍ଲାର ପଦ୍ମପୁର ସବଡ଼ିଭିଜନର ଗନ୍ଧମାର୍ଦ୍ଦନ ପର୍ବତରେ ଅବସ୍ଥିତ। ଭଗବାନ ନରସିଂହ, ବିରାଡ଼ି ବା ମାର୍ଜାର ରୂପେ ପୂଜା ପାଉଛନ୍ତି। ଐତିହାସିକ ଓ ପଣ୍ଡିତମାନଙ୍କ ସୂଚନାରୁ ଜଣାପଡ଼େ ଯେ, ପାଟଣାଗଡ଼ର ରାଜା ବୈଦଳ ସିଂହ ଦେବ, ସୁପୁତ୍ର ପ୍ରାପ୍ତି ନିମନ୍ତେ ଏହାକୁ ନିର୍ମାଣ କରାଇଥିଲେ। ଏହାର ଉଚ୍ଚତା ୪୫ ଫୁଟ। ଏହାର ଦୁଇଟି ଭାଗ। ପ୍ରଥମଟିରେ ନୃସିଂହନାଥଙ୍କ ବିଗ୍ରହ ପୂଜା ପାଉଥିବା ବେଳେ ଅନ୍ୟଟିରେ ଜଗମୋହନ ପୂଜା ପାଆନ୍ତି। ମନ୍ଦିରର ଦ୍ୱାର କଳା ମୁଗୁନି ପଥରରେ ନିର୍ମାଣ କରାଯାଇଛି। ଏଥିରେ ଥିବା ନର୍ତ୍ତକୀ, ନୃତ୍ୟକାରୀ, ଗଜଲକ୍ଷ୍ମୀ, ଶିବ, ଗଙ୍ଗା, ଯମୁନା, ବନଦୁର୍ଗା ଓ ଭୈରବୀମାନଙ୍କ ଦେହରେ ସୂକ୍ଷ୍ମ ଶିଳ୍ପ କଳାର ବୈଭବ ଫୁଟି ଉଠିଥିବାର ଦେଖିବାକୁ ମିଳେ। ମନ୍ଦିରର ପୂର୍ବ ଦ୍ୱାରରେ ନବଗ୍ରହ ମୂର୍ତ୍ତି ଏବଂ ଏହି ଦ୍ୱାରର ଅଳ୍ପ ଦୂରରେ ଖଡ୍ଗହସ୍ତ ବୀର ସୈନିକର ମୂର୍ତ୍ତି ରହିଚି। ଏହାବ୍ୟତୀତ ଏହି କ୍ଷେତ୍ରର ବିଭିନ୍ନ ସ୍ଥଳରେ ଲକ୍ଷ୍ମୀ, ବାମନ, କାଳୀ, ବରାହ, ଶିବ, ନନ୍ଦୀ, ଗୋପାଳ, ଭୀମ, ଦୁର୍ଗା, ଗଣେଶ ଓ ପାଣ୍ଡବ ମାନଙ୍କର ପଥର ଖୋଦେଇ ମୂର୍ତ୍ତିମାନ ଦେଖିବାକୁ ମିଳେ।





## ଉପଲବ୍ଧି



ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଦୀପଙ୍କରଙ୍କ ବହୁତ ଯଶ, ସମ୍ମାନ ଥିଲା। ଅଧ୍ୟୟନ-ଅଧ୍ୟାପନା ହିଁ ତାଙ୍କ ଜୀବନର ସର୍ବସ୍ୱ ଥିଲା। ଦିନେ ରାତିରେ ଦୀପାଲୋକରେ ଅଧ୍ୟୟନ କରୁଥିବା ସମୟରେ କେତେବେଳେ ତାଙ୍କର ଆଖିପତା ଲାଗିଯାଇଥିଲା ଜାଣି ପାରିନଥିଲେ। ନିଦ୍ରିତ ଅବସ୍ଥାରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ- ସମ୍ମୁଖରେ ଅତି ଆକର୍ଷଣୀୟ ମୁଦ୍ରାରେ ତଥାଗତ ଉପବେଶନ କରିଛନ୍ତି। ନେତ୍ର କରୁଣାରେ ପରିପୂର୍ଣ୍ଣ। ଅଧରରେ ଲାଗି ରହିଥିଲା ସ୍ମିତହସ। ତଥାଗତଙ୍କୁ ଦେଖି ଦୀପଙ୍କର ବାରମ୍ବାର ତାଙ୍କର ପାଦତଳେ ପଡ଼ି ନିଜକୁ କୃତାର୍ଥ ମଣିଲେ। ତଥାଗତ ହସିହସି ପଚାରିଥିଲେ 'ଦୀପଙ୍କର! ଏତେ ରାତିରେ ତୁମେ କ'ଣ କରୁଛ?' 'ଭଗବାନ! ମୁଁ ଧର୍ମ, ତତ୍ତ୍ୱମୀମାଂସା, ଦର୍ଶନ- ଏହି ସବୁ ପଢୁଛି।' 'ସେ ସବୁ କ'ଣ ତୁମେ ବୁଝିପାରୁଛ ନା ଖାଲି ପଢୁଛ?' 'ଅବଶ୍ୟ ବୁଝି ପାରୁଛି ଭଗବାନ'- ଦୀପଙ୍କର ଦୃଢ଼ ଆତ୍ମବିଶ୍ୱାସ ସହକାରେ କହିଥିଲେ। କିଛିକ୍ଷଣ ନୀରବ ରହି ତଥାଗତ ପଚାରିଥିଲେ – 'ତୁମେ ଖାଲି ଶବ୍ଦାର୍ଥ ବୁଝୁଛ ନା ସେସବୁ ଉପଲବ୍ଧି କରୁଛ?' ଜ୍ଞାନୀ ଦୀପଙ୍କରଙ୍କ ପାଇଁ ଏଭଳି ଏକ ପ୍ରଶ୍ନ ସମ୍ପୂର୍ଣ୍ଣ ନୂଆ ଥିଲା। ବର୍ଷବର୍ଷ ଧରି ନାଳନ୍ଦା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପାଠ ପଢ଼ାଇଛନ୍ତି। ଅନେକ ବିଦ୍ୱାନଙ୍କ ସହ ଶାସ୍ତ୍ରାର୍ଥ ଆଲୋଚନା କରିଛନ୍ତି। ବହୁ ବିଦ୍ୱାନଙ୍କୁ ଶାସ୍ତ୍ରାର୍ଥ ଆଲୋଚନାରେ ପରାଜିତ କରିଛନ୍ତି। ହେଲେ ଏଭଳି ପ୍ରଶ୍ନ ପୂର୍ବରୁ ତାଙ୍କୁ କେହି ପଚାରି ନଥିଲେ। ହଜାର ହଜାର ବିଦ୍ୟାର୍ଥୀଙ୍କ ଜିଜ୍ଞାସା ସମାଧାନ କରିଥିବା ଦୀପଙ୍କର ଏହି ପ୍ରଶ୍ନରେ ନିଜକୁ ଅପ୍ରତିଭ ମନେ କଲେ। ଅସହାୟ ଭାବରେ ଦୀପଙ୍କର ତଥାଗତଙ୍କ ଆଡ଼କୁ ଅନାଇ କହିଥିଲେ- 'ଭଗବାନ! ମୁଁ କେବଳ ଶବ୍ଦାର୍ଥ ହିଁ ବୁଝି ପାରୁଛି। ଉପଲବ୍ଧି କରିବା ଶକ୍ତି ମୋଠାରେ ନାହିଁ।' ଆଚାର୍ଯ୍ୟ ଦୀପଙ୍କରଙ୍କ ଏଭଳି ନିର୍ଭୀକ, ସ୍ପଷ୍ଟ ଉତ୍ତରରେ ତଥାଗତ ଆଶୀର୍ବାଦପୂର୍ବକ ତାଙ୍କ ମଥା ଉପରେ ହାତ ରଖିଥିଲେ। ହଠାତ୍ ସ୍ୱପ୍ନ ତୁଟିଗଲା। ଦୀପଙ୍କର ନିଦ ଭାଙ୍ଗିଲା। ଜାଣିପାରିଲେ ସେ ପଢୁଥିବାବେଳେ ଶୋଇଯାଇଛନ୍ତି। ସ୍ୱପ୍ନକଥା ଚିନ୍ତା କରି ଶୟନ କକ୍ଷରେ ଅସ୍ଥିର ଭାବରେ ପଦଚାରଣା କରିବାକୁ ଲାଗିଲେ। ଜୀବନରେ ପ୍ରଥମଥର ପାଇଁ ଶବ୍ଦଜ୍ଞାନ ତାଙ୍କୁ ନିରର୍ଥକ ବୋଧ ହେଲା। ମନେମନେ ଭାବିବାକୁ ଲାଗିଲେ ଏତେକାଳ ହେଲା ବିଦ୍ୟାଭ୍ରମରେ ଅବିଦ୍ୟା ହିଁ ଅର୍ଜନ କରିଛି। ଆଖି ଆଗରେ ନାଚି ଉଠିଲା ବୋଧହୁଏ ଏଇଥିପାଇଁ (ଅବିଦ୍ୟାର ଭ୍ରମ ଓ ଅନିତ୍ୟ ସଂସାରରୁ ଦୂରରେ ରହିବାକୁ।) ତଥାଗତ ରାଜ୍ୟ, କ୍ଷମତା ଅନିନ୍ଦ୍ୟସୁନ୍ଦରୀ ପତ୍ନୀ ଗୋପା, ପୁତ୍ର ସନ୍ତାନ, ରାଜୈଶ୍ୱର୍ଯ୍ୟ, ସବୁକିଛି ଉପଲବ୍ଧି କରିବା ପରେ ହିଁ କାମନାର ବିଲୁପ୍ତି ନିମନ୍ତେ ସଂସାର ତ୍ୟାଗ କରିଥିଲେ। ଦୀପଙ୍କର ଦୃଢ଼ ହେଲେ। ବାସ୍, ଢ଼େର୍ ହୋଇଯାଇଛି, ଏବେ ସେହି ଅବିଦ୍ୟାକୁ ବିସର୍ଜନ କରିବା ହିଁ ମୋ ପାଇଁ ଶ୍ରେୟସ୍କର ହେବ।

## ଓଁ ବିନା ସମସ୍ତ ମନ୍ତ୍ର ପ୍ରାଣ ଶକ୍ତିବିହୀନ

ବିଭିନ୍ନ ମନ୍ତ୍ରର ପ୍ରାରମ୍ଭରେ 'ଓଁ'ର ଉଚ୍ଚାରଣ ହୋଇଥାଏ । 'ଓଁ'କୁ ଏକାକ୍ଷରୀ ମନ୍ତ୍ର ଭାବେ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । 'ଓଁ' ବିନା ସମସ୍ତ ମନ୍ତ୍ର ପ୍ରାଣଶକ୍ତି ବିହୀନ ବୋଲି କୁହାଯାଏ । ତେବେ ଓଁର ନିୟମିତ ଜପ ଆମ ଶରୀର ପାଇଁ ଉପକାରୀ ହୋଇଥାଏ । ନିୟମିତ ସକାଳୁ ଓ ସଂଧ୍ୟାରେ ପଦ୍ମାସନରେ ବସି ଧୀରେ ଧୀରେ ପ୍ରାଣବାୟୁରେ ସମନ୍ୱୟ ଆଣି ଏହି 'ଓଁ' ମହାମନ୍ତ୍ର ଜପ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ



। ଏହାକୁ ଧୀଶକ୍ତି ବୃଦ୍ଧି କରିବା ସହିତ ମନରେ ଏକାଗ୍ରତା ଆଣିଥାଏ। ଓଁ ମହାମନ୍ତ୍ର ୧୦୮ଥମର ଜପ କରିବା ଦ୍ୱାରା ମାନସିକ ଅବସାଦରୁ ମୁକ୍ତି ମିଳିଥାଏ । ଏହାର ଜପଦ୍ୱାରା ମନରେ କୌଣସି ଖରାପ ଚିନ୍ତା ଉଦ୍ରେକ ହୋଇ ନଥାଏ । ଏହାର ପ୍ରଭାବରେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ । ଏହି ମହାମନ୍ତ୍ର ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ବିଶ୍ୱାସ କରାଯାଏ । 'ଓଁ' ମନ୍ତ୍ର ଜପକଲେ ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ।

## ଶରୀରରେ ଲୁଣର ଅଭାବ ଆଣିଥାଏ ଅନେକ ସମସ୍ୟା

ପ୍ରାୟତଃ ଲୋକମାନେ ଧାର୍ମିକ ଉପବାସ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଲୁଣ ଖାଇବା ଛାଡ଼ିଥାନ୍ତି । କେବେ ଭାବିଛନ୍ତି କି, ଯଦି ଏକ ମାସ ପର୍ଯ୍ୟନ୍ତ ଲୁଣ ନ ଖାଆନ୍ତି ତେବେ ଏହା ଆପଣଙ୍କ ଶରୀରରେ କି ପ୍ରଭାବ ପକାଇବ ? ଲୁଣ ଛାଡ଼ିବା ଦ୍ୱାର ଶରୀରରେ ସୋଡ଼ିୟମ୍ ଅଭାବ ହୋଇପାରେ, ଯାହା ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା, ଦୁର୍ବଳତା ଓ ଥକ୍କାପଣ ଭଳି ସମସ୍ୟା ସୃଷ୍ଟି କରିପାରେ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଲୁଣ ଛାଡ଼ିବା ଆପଣଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇପାରେ, କାରଣ ସଠିକ ଭାବେ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ସଠିକ୍ ସୋଡ଼ିୟମ ସ୍ତର ଜରୁରୀ ହୋଇଥାଏ ।

ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ କିଛି ନିର୍ଦ୍ଦିଷ୍ଟ ପରିମାଣରେ ଲୁଣ ଖାଇବା ଆବଶ୍ୟକ, କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୪ ଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ ନୁହଁ ।

ତେବେ ଜାଣିବା ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ଏହା ଆପଣଙ୍କ ଶରୀରରେ କ'ଣ ପ୍ରଭାବ ପକାଇବ –



**ଓଜନ ହ୍ରାସ ହେବା :** ଯଦି ଆପଣ ଏକ ମାସ ଧରି ଲୁଣ ଖାଇବା ବନ୍ଦ କରନ୍ତି, ତେବେ ଶରୀରରେ ଏହାର ପ୍ରଥମ ପ୍ରଭାବ ଓଜନ ହ୍ରାସ ଭାବେ ଦେଖାଯାଇଥାଏ । ଲୁଣର ଅଭାବରେ ଶରୀରରେ ଜଳର ପରିମାଣ ହ୍ରାସ ପାଇଥାଏ, ଯାହାଦ୍ୱାରା ପେଟ ଓ ଅଣ୍ଟାର ଚର୍ବି କମିଥାଏ । ଯଦି ଓଜନ ଅସାଧାରଣ ଭାବେ ହ୍ରାସ ପାଉଥାଏ, ତେବେ ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ ।

**ହଜମ ପ୍ରକ୍ରିୟାରେ ସମସ୍ୟା :** ଲୁଣର ଅଭାବ ଶରୀର ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ, ଯାହା ପେଟରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ହଜମ ପ୍ରକ୍ରିୟକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଶରୀର ଏକ ନିର୍ଦ୍ଦିଷ୍ଟ ପରିମାଣର ଲୁଣ ଆବଶ୍ୟକ କରେ ।

**ମାନସିକ ସ୍ୱାସ୍ଥ୍ୟ ସମସ୍ୟା :** ଲୁଣ ଠାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରଖିବା, ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ପ୍ରଭାବ ପକାଇପାରେ । ଲୁଣର ଅଭାବ ଦୁଃଖ,ଚାପ ଓ ଚିନ୍ତା ଭଳି ସମସ୍ୟା ସୃଷ୍ଟି କରିପାରେ । ତେଣୁ ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପ୍ରତିଦିନ ସୀମିତ ପରିମାଣରେ ଲୁଣ ଖାଇବା ଆବଶ୍ୟକ । ଏବେ ନିଶ୍ଚୟ ବୁଝିଯାଇଥିବେ ଯେ ଏକ ମାସ ପର୍ଯ୍ୟନ୍ତ ଲୁଣକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ିବା ସ୍ୱାସ୍ଥ୍ୟ ପାଇଁ କିପରି କ୍ଷତିକାରକ ହୋଇପାରେ । ତେଣୁ, ଏଭଳି ପଦକ୍ଷେପ ନେବା ପୂର୍ବରୁ ଡାକ୍ତର କିମ୍ବା ଡାଏଟିସିଆନ୍‌ଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।

## ସାଗର ପୁତ୍ରଙ୍କ ମୁକ୍ତି

ଭଗୀରଥ ଗଙ୍ଗାଦେବୀଙ୍କୁ ବନ୍ଦନାକରି ପ୍ରଣାମ କରି କହିଲେ, ମାତା ଏହି ମହାମୁନି କପିଳଙ୍କ ଆଶ୍ରମ କିପରି ଲଙ୍ଘନ କରି ଯିବା ? ଗଙ୍ଗାଦେବୀ କହିଲେ ବତ୍ସ ! ତୁ ଆଗରେ ଅଛୁ । ତୁ ଯେଉଁ ପଥ ଦେଇଯିବୁ ମୁଁ ତୋର ଅନୁଗମନ କରିବି । ଭଗୀରଥ କହିଲେ ମାତା ! ଦେଖ ସମ୍ମୁଖରେ କିପରି ଅଗ୍ନିରେ ମୋର ପ୍ରପିତାମହମାନେ କଳବଳ ହେଉଛନ୍ତି । ହେ ମାତା ! ଉପାୟ ବତାଇ ଦିଅ । ଗଙ୍ଗା ପୁନର୍ବାର କହିଲେ ତୁ ଆଗରେ ଚାଲ୍, ମୁଁ ପଛରେ ଯିବି । ଭଗୀରଥ କହିଲେ ହେ ମାତା ! ଅଯୋଧ୍ୟାରେ ମୋର ମାତାଦ୍ୱୟଙ୍କୁ ବଚନ ଦେଇ ଆସିଛି । ମୁଁ ପିତୃଙ୍କୁ ଉଦ୍ଧାର କରି ତୁମ୍ଭର ଚରଣ ବନ୍ଦନା କରିବି । ଏବେ ଅଗ୍ନିରେ ଝାସ ଦେଲେ ମୁଁ କିପରି ବର୍ତ୍ତିବି ? ମାତାଙ୍କୁ ଦେଇଥିବା ବଚନ ବୃଥା ହେବ । ଗଙ୍ଗା କହିଲେ ତୁ ପ୍ରଥମେ ଅଗ୍ନିମଧ୍ୟକୁ ଯା' ଦେଖିବୁ ପରେ କ'ଣ ହେବ । ଭଗୀରଥ କପିଳ ମୁନିଙ୍କ ଆଶ୍ରମ ଚାରିପାଖରେ ତିନିଥର ପରିକ୍ରମା କଲେ । ଗଙ୍ଗାଦେବୀ ସେହିପରି ଆଶ୍ରମ ଚାରିପଟେ ଘୂରିଲେ । ଭଗୀରଥ ଗଙ୍ଗାଦେବୀଙ୍କୁ ପ୍ରଣାମ କରି ରଥ ସହ ଶଙ୍ଖନାଦ କରି ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟରେ ପ୍ରବେଶ କଲେ । ଗଙ୍ଗାଦେବୀ ଭଗୀରଥଙ୍କୁ ଅଗ୍ନିରେ ପ୍ରବେଶ କରିବା ଦେଖି ଆହା ପୁତ୍ର ବୋଲି କହି ଶତଧାର ହୋଇ ଅଗ୍ନିମଧ୍ୟକୁ ବହିଗଲେ । ସଗର ପୁତ୍ରମାନେ ଯୁଗ ଯୁଗ ଧରି କପିଳମୁନିଙ୍କ କ୍ରୋଧାଗ୍ନିରେ ଅହରହ ଦଗ୍ଧ ହେଉଥିଲେ । ଏବେ ଗଙ୍ଗାଜଳ ସ୍ପର୍ଶ କରି ଶାନ୍ତିପାଇଁ ମୁକ୍ତିଲାଭ କରି ସ୍ୱର୍ଗପ୍ରାପ୍ତି ହେଲେ। ଗଙ୍ଗାଦେବୀ ଭଗୀରଥଙ୍କୁ ଉଦ୍ଧାର କରି ନିଜ ରାଜ୍ୟ ଅଯୋଧ୍ୟାକୁ ପ୍ରତ୍ୟାଗମନ କରିବାକୁ ଅନୁମତି ପ୍ରଦାନ କଲେ । ସେହିଠାରୁ ଯାଇ ଗଙ୍ଗାଦେବୀ ସାଗର ସହିତ ମିଳିତ ହେଲେ । ସାଗର ମହାମାୟୀଙ୍କ ନିଜ ସଂଗରେ ମିଶିବାଦେଖି ଅତୀବ ଆନନ୍ଦିତ ହେଲେ ।



ଦିନଲିପି

୪ .୧୧. ୨୦୨୬ ବୁଧବାର

## ୭୫ ଲକ୍ଷ୍ୟ ଟଙ୍କାର ଅବକାରୀ ଦ୍ରବ୍ୟ ଜବତ

ଟିଗିରିଆ,(ନିପ୍ର): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ୍ ତିରୁପତି ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ଅକ୍ଟୋବର ମାସରେ ଆଠଗଡ ଅବକାରୀ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସର୍ବମୋଟ ୧୨୩ କେଜି ଗଞ୍ଜେଇ,୯୯୫୮ ଲିଟର ଚୋରା ଦେଶୀ ମଦ, ୬୨ ଲିଟର ବିଦେଶୀ ମଦ,୬୨ ଲିଟର ବିୟର, ୪ଟି ବାଇକ୍, ଏକ କାର ଜବତ କରାଯାଇଛି । ୬୬୦୩୦ ଲିଟର ଦେଶୀ ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ଗୁଡପୋଚ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏଥିସହିତ ଅବକାରୀ ମାମଲା ରୁଜୁ କରାଯାଇ ୪୪ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଜବତ ହୋଇଥିବା ଅବକାରୀ ଦ୍ରବ୍ୟର ଆନୁମାନିକ ମୂଲ୍ୟ ୭୫ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି ।


## ସାଲେପୁର କଲେଜ ରୋଡ଼ ଶୋଚନୀୟ, ପ୍ରତିଦିନ ଘଟୁଛି ଦୁର୍ଘଟଣା

ସାଲେପୁର,(ନିପ୍ର): ସାଲେପୁର କଲେଜ ରୋଡ଼ର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିଛି । ରାସ୍ତାଟି ଖାଲଖମା ପୂର୍ଣ୍ଣ ହେବା ସହିତ ଟିକେ ବର୍ଷା ହେଲେ ପାଣି ଜମି ରହୁଛି । ଏହି ରାସ୍ତା ଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶହ ଶହ ରୋଗୀଙ୍କ ସମେତ ଆମ୍ବୁଲାନ୍ସ ଯାତାୟାତ କରିବା ସହିତ ସାଲେପୁର କଲେଜ, ଫାର୍ମାସୀ କଲେଜ, ଇଂଲିଶ ମିଡିୟମ ସ୍କୁଲ ଓ ଆଦର୍ଶ ବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ଓ ବଟେଶ୍ୱର, ରୋଧପୁର, ବାଲିସାହି ଗ୍ରାମର ଅଧିବାସୀମାନେ ରାସ୍ତା ଉପରେ ନିର୍ଭର କରିଥାନ୍ତି । ରାସ୍ତାଟି ହରିଚନ୍ଦନପୁର ବ୍ୟାରେଜକୁ ସଂଯୋଗ କରୁଥିବା ସମୟରେ ମହାନଦୀ -ଚିତ୍ରୋତ୍ପଳା ଦୀପାଞ୍ଚଳର ପ୍ରମୁଖ ଗମନାଗମନ ପଥ ହୋଇଥିବା ସମୟରେ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ପ୍ରାୟ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି । ଆଜକୁ ପ୍ରାୟ ୧୦/୧୨ ବର୍ଷ ଏହି ରାସ୍ତାଟି କଂକ୍ରିଟ ନିର୍ମାଣ କରାଯାଇଥିବା ବେଳେ ଏବେ ଏହି ରାସ୍ତାର ଅନେକ ସ୍ଥାନରେ କଂକ୍ରିଟ ଉଠିଯିବାରୁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ, ରୋଗୀ ଓ ଗ୍ରାମବାସୀମାନେ, ଏହି ରାସ୍ତାର ତୁରନ୍ତ ମରାମତି, ଉନ୍ନତିକରଣ ଓ ପ୍ରଶସ୍ତୀକରଣ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । ଏଥିପ୍ରତି ସାଲେପୁର ଗ୍ରାମ୍ୟ ଉର୍ନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନିଆଳି,(ନିପ୍ର): ସ୍ଥାନୀୟ ନିଳମଣି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ବିଇଓ ମନୀଷା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ବିଜେପି ଯୁବନେତା ତଥା ଜିଲ୍ଲାପରିଷଦ ସଦସ୍ୟ ଦେବାଶିଷ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତଃନିହିତ ପ୍ରତିଭା ଓ ସୃଜନଶୀଳତାର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମହତ ଚିନ୍ତାଧାରାକୁ ଆଗକୁ ଆଣିବାରେ ସହାୟକ ହେବ ବୋଲି କହିଥିଲେ । ଏଥିସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଏବିଓ ଅନନ୍ତ ନାରାୟଣ ସିଂହ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଗୋବରା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମହାଲିଙ୍ଗ



ବେଲଗୁଣ୍ଠା(ନିପ୍ର): ଅର୍ଣ୍ଣବ ବାତ୍ୟା ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବେଲଗୁଣ୍ଠା ବ୍ଲକର ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । କାଳିଆମ୍ବା ନାଳରେ ପ୍ରବଳ ବନ୍ୟାଜଳ ଆସି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୪ରୁ ୫ ଫୁଟ୍ ଉଚ୍ଚତାରେ ପାଣି ଜମିବା ସହ ବିଭିନ୍ନ ଯନ୍ତ୍ରପାତି ଓ ଆସବାବପତ୍ର ବୁଡ଼ି ରହିଥିଲା । ଜଳସ୍ରୋତର ପ୍ରଖରତା ଯୋଗୁଁ ରୋଗୀଙ୍କ ପାଇଁ ମେଡିକାଲକୁ ଯାତାୟାତ ମଧ୍ୟ ଅସମ୍ଭବ ହୋଇପଡ଼ିଥିଲା । ଏହି ପରିସ୍ଥିତିରେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରିଥିଲେ । ଏହାର ପୁନରୁଦ୍ଧାର ସହ ଆବଶ୍ୟକ ମରାମତି କାର୍ଯ୍ୟ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କ୍ଷୟକ୍ଷତିର ସମୀକ୍ଷା କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ପ୍ରତିବର୍ଷ କାଳିଆମ୍ବା ନାଳର ବନ୍ୟାଜଳ ମେଡିକାଲ ପରିସରରେ ପ୍ରବେଶ କରି ବ୍ୟାପକ କ୍ଷତି ଘଟାଉଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# କାମରେ ଆସୁନି ମୋବାଇଲ ଟାୱାର ନେଟୱାର୍କ

## ।।।। ସେବାରୁ ବଞ୍ଚିତ ୭ ଗ୍ରାମବାସୀ ।।।।



କଣ୍ଟିଲୋ,(ନିପ୍ର): ମୋବାଇଲ ଟାୱାର ଅଛି, ହେଲେ କାମରେ ଆସୁନି ନେଟୱାର୍କ । ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବଡ଼ ବାଣପୁର ଗ୍ରାମପଞ୍ଚାୟତ ଅଧୀନ ଘଣଶାଳିଆ ଗ୍ରାମ ନିକଟ ୭ ଗ୍ରାମବାସୀ । ଘଣାଶାଳିଆ ଆଖ ପାଖରେ ଭ୍ରମରବର ପ୍ରସାଦ, ବାଞ୍ଜପଲ୍ଲୀ, ଘଣାସାଳିଆ, ଡିପିସାହି,ରତନପୁର, କୁମୁଡି, ହଟିଆପଲ୍ଲୀ ଆଦି ୭ଟି ଗ୍ରାମବାସୀ ଦୀର୍ଘ ବର୍ଷ ଧରି ମୋବାଇଲ ସେବାରୁ ବଞ୍ଚିତ ହୋଇ ଆସୁଛନ୍ତି । ସମସ୍ୟାର ସମାଧାନ ପାଇଁ ବାରମ୍ବାର ଆପତ୍ତି ଅଭିଯୋଗ କରିବା ପରେ ୨୦୨୨ ମସିହାରେ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ ବିଏସଏନ୍ଏଲ ପକ୍ଷରୁ ଟାୱାର ନିର୍ମାଣ କରିଥିଲେ । କିଛିଦିନ ସେବା ଯୋଗାଇ ଦେବା ପରେ ବିଭାଗୀୟ କର୍ମଚାରୀଙ୍କ ରକ୍ଷଣାବେକ୍ଷଣ ଅଭାବରୁ ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । ସେବା ଯୋଗାଇ ପାରୁନାହିଁ । ଯଦି ବା କେତେବେଳେ କାର୍ଯ୍ୟକ୍ଷମ ହେଉଛି, ତେବେ ଘର ଭିତରେ ଲାଗୁନାହିଁ । ଘର ବାହାରକୁ ଆସି ଖୋଲା ପଡ଼ିଆକୁ ଗଲେ ଟାୱାର କାର୍ଯ୍ୟକ୍ଷମ ହୋଇଥାଏ । ଯଦି କାହାର କୌଣସି ନିକଟ ସମ୍ପର୍କୀୟ ହେଉ କିମ୍ବା ସରକାରୀ କାର୍ଯ୍ୟରେ ଫୋନ କରିବା ପାଇଁ ଆବଶ୍ୟକ ତେବେ, ସେ ସମୟରେ କାମରେ ଲାଗୁନାହିଁ । ରାତିରେ ବାହାରକୁ ଆସି ଫୋନ୍ ଯୋଗେ କଥାବାର୍ତ୍ତା ହେବା ଅଞ୍ଚଳବାସୀଙ୍କ ପାଇଁ ଅଭିଶାପ ପାଲଟିଛି । ସମ୍ପୃକ୍ତ ଅଞ୍ଚଳବାସୀ ଟାୱାର ହେବା ଯୋଗୁଁ ଯେଉଁ ଖୁସି ଅନୁଭବ କରୁଥିଲେ ଆଜି ମୋବାଇଲଟି କାର୍ଯ୍ୟକ୍ଷମ ନ ହେବା କାରଣରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅଞ୍ଚଳବାସୀ ତୁରନ୍ତ ବିଏସଏନ୍ଏଲ ସେବା କିପରି ଦିବାରାତ୍ର ପାଇପାରିବେ ସେଥିପାଇଁ ପ୍ରଶାସନ ଓ ରାଜନେତା, ସଂପୃକ୍ତ ଅଧିକାରୀମାନେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭିଜିଲାନ୍ସ ସଚେତନତା ସପ୍ତାହ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ନରଣପୁର ସ୍ଥିତ ପାୱାରଗ୍ରୀଡ଼ ପରିସରରେ ଭିଜିଲାନ୍ସ ସଚେତନତା ସପ୍ତାହ ଉତ୍ସାହର ସହିତ ପାଳନ ହୋଇଯାଇଛି । ଅନୁଷ୍ଠାନର ବରିଷ୍ଠ ଉପ ମହାପ୍ରବନ୍ଧକ ପର୍ଶୁରାମ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ଦୁର୍ନୀତି ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାୱାରଗ୍ରୀଡର କର୍ମଚାରୀମାନେ ସାମୂହିକ ପଦଯାତ୍ରାରେ ଅଂଶଗ୍ରହଣ କରି ସମାଜରେ ସତ୍ୟନିଷ୍ଠା ଓ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ । ଏହା ସହିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏସ୍ଏସଡି ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ନିବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ କୃତୀ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

## ମା’ ଉଗ୍ରତାରାଙ୍କ ଖୋଲିଲା ହୁଣ୍ଡି: ୮ ଲକ୍ଷ ୪୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସଂଗୃହୀତ


ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଭୂଷଣ୍ଡପୁର ନିକଟସ୍ଥ ମୂଳିଝର ଗଡ଼ରେ ବିରାଜମାନ ମା’ ଉଗ୍ରତାରାଙ୍କର ଶ୍ରଦ୍ଧାଳୁଙ୍କ ଦାନ ହୁଣ୍ଡି ଖୋଲାଯାଇଛି । ପ୍ରଥମେ ମା’ ଉଗ୍ରତାରାଙ୍କ ନିକଟରେ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଆସିବା ପରେ ହୁଣ୍ଡି ଖୋଲାଯାଇଥିଲା । ଏହାପରେ ମନ୍ଦିର କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା ଟଙ୍କା ଗଣତି କାର୍ଯ୍ୟ । ଦୀପାବଳି ଅମାବାସ୍ୟା ପୂର୍ବରୁ ଏହି ହୁଣ୍ଡି ଗଣତି ପ୍ରକ୍ରିୟା ଶେଷ କରାଯାଇଥିବା ବେଳେ ମୋଟ ୮ ଲକ୍ଷ ୪୫ ହଜାର ୪୩୦ ଟଙ୍କା ସଂଗୃହୀତ ହୋଇଛି । ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏବଂ ଟାଙ୍ଗୀ ପୋଲିସର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଗଣତି ସମ୍ପନ୍ନ ହୋଇଥିଲା । ଏଥିରେ ମନ୍ଦିର କମିଟିର କାର୍ଯ୍ୟକର୍ତ୍ତା କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ରଘୁନାଥ ରାଉତରାୟ, ନିତ୍ୟାନନ୍ଦ ବେହେରା, ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଏସଏସଜି ମହିଳାମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ ।

## ଶିକ୍ଷକ ପଦବୀ ପୂରଣ ପାଇଁ ପାରୁଆଭାଡି ଗ୍ରାମବାସୀଙ୍କ ଦାବି

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ପାରୁଆଭାଡି ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଭରପୁର ପିଲା ଥିବା ସତ୍ତ୍ୱେ ଆବଶ୍ୟକୀୟ ଶିକ୍ଷକ ଅଭାବ ଯୋଗୁଁ ପାଠପଢାରେ ଗୁରୁତର ସଙ୍କଟ ଦେଖାଦେଇଛି । ତୁରନ୍ତ ଶିକ୍ଷକ ନଦେଲେ ସ୍କୁଲରେ ତାଲା ପକାଇ ଦେବାକୁ ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏନେଇ ପାରୁଆଭାଡି ପଞ୍ଚାୟତର ସରପଞ୍ଚ ସୁାସିନୀ ଧାନଙ୍କ ନେତୃତ୍ୱରେ ମଙ୍ଗଳବାର ପାରୁଆଭାଡିର ଶତାଧିକ ଅଭିଭାବକ ଓ ଗ୍ରାମବାସୀ କୁଚିଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ, କୁଚିଣ୍ଡା ଉପଜିଲ୍ଲାପାଳ ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଶିକ୍ଷକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସୂଚନା ଅନୁଯାୟୀ,ପାରୁଆଭାଡି ସରକାରୀ ନୋଡାଲ ହାଇସ୍କୁଲର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ପ୍ରାଥମିକ ସ୍କୁଲ (୧ମରୁ ୭ମ)ରେ ୧୯୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଳିତ ଶିକ୍ଷା ବର୍ଷରେ ୭ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଜଣେ ସିଆରସିସି ,ଜଣଙ୍କୁ ୩ବର୍ଷ ଧରି ଡେପୁଟେସନ,ଜଣଙ୍କ ପଦୋନ୍ନତି ବଦଳୀ, ଦୁଇଜଣଙ୍କୁ ଡେପୁଟେସନ ଏବଂ ଅନ୍ୟ ଦୁଇଜଣଙ୍କୁ ବିଏଲଓ ଦାୟିତ୍ୱରେ ଅଛନ୍ତି । ହେଲେ ଏତେ ସଂଖ୍ୟକ ପିଲାଙ୍କ ଭବିଷ୍ୟତକୁ ନେଇ ଶିକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜିବ ପରିତାପର ବିଷୟ ।

## ଅନୁସୂଚିତ ଜାତି /ଜନଜାତି ଶିକ୍ଷକ କଲ୍ୟାଣ ସଂଘ ପିପିଲି ବ୍ଲକ ୟୁନିଟର ସାଂଗଠନିକ ବୈଠକ

ପିପିଲି,(ନିପ୍ର): ମା ଉତ୍ତରାୟଣୀ ପୀଠ ସାତଶଂଖ ଠାରେ ଓଡିଶା ଅନୁସୂଚିତ ଜାତି /ଜନଜାତି ଶିକ୍ଷକ କଲ୍ୟାଣ ସଂଘ ପିପିଲି ବ୍ଲକ ୟୁନିଟର ସାଙ୍ଗଠନିକ ବୈଠକ ବରିଷ୍ଠ ଶିକ୍ଷକ ଚନ୍ଦ୍ରଶେଖର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିମାପଡା ବ୍ଲକରୁ ଆସିଥିବା ପର୍ଯ୍ୟବେକ୍ଷକ ଶିକ୍ଷକ ନୀଳକଣ୍ଠ ସେଠୀଙ୍କର




ସାଙ୍ଗଠନିକ ଅଭିଭାଷଣ ପ୍ରଦାନ ସହିତ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଶିକ୍ଷକ ଚନ୍ଦ୍ରଶେଖର ବେହେରା, ଈଶ୍ୱର ଚନ୍ଦ୍ର ଚାଉଁରୀ, ଏକାଦଶୀ ବେହେରା, ରବିନାରାୟଣ ବେହେରା ଏବଂ କୁନାଲ ବେହେରା । ସଭାପତି -ମଧୁସୂଦନ ପ୍ରଧାନ କାର୍ଯ୍ୟକାରୀ ସଭାପତି- ବିପିନ ଦାସ ଉପସଭାପତି -ଜୟନ୍ତୀ ପାତ୍ରଏବଂ ବିନୋଦ ଦାସ, ସମ୍ପାଦକ -ଅଜୟ କୁମାର ସେଠୀ ସାଙ୍ଗଠନିକ ସମ୍ପାଦକ -ଜନାର୍ଦ୍ଦନ ମଲିକ ସହ ସମ୍ପାଦକ -ନରେନ୍ଦ୍ର ସେନାପତି ଏବଂ ଗୀତାଞ୍ଜଳି ବେହେରା କୋଷାଧକ୍ଷ -ସନ୍ତୋଷ କୁମାର ବେହେରା ସମ୍ବାଦ ସଂଯୋଜକ -ରଶ୍ମିରଂଜନ ସେଠୀ, ଲକ୍ଷ୍ମୀଧର ପ୍ରଧାନ ଏବଂ ପ୍ରତାପ କୁମାର ବେହେରା ସେହିଭଳି ଯାଞ୍ଚକମିଟି ସଦସ୍ୟ ଭାବେ ସୁଶାନ୍ତ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ତପନ କୁମାର ବେହେରା ପ୍ରମୁଖ ମନୋନୀତ ହୋଇଥିଲେ ।

## ମାଧବାନନ୍ଦଜୀଉଙ୍କ ମନ୍ଦିରରେ ଅନ୍ନ ପ୍ରସାଦ ସେବାର ଶୁଭାରମ୍ଭ

ନିଆଳି,(ନିପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାମୁଁ ଘର ଭାବେ ପରିଚିତ ନିଆଳି ମାଧବର ଶ୍ରୀ ଶ୍ରୀ ମାଧବାନନ୍ଦଜୀଉଙ୍କ ପବିତ୍ର ପୀଠରେ ସୋମବାର ଠାରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦ ସେବାର ଶୁଭାରମ୍ଭ ହୋଇଛି । ଏଥିନେଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ମନ୍ଦିର ପ୍ରଶାସନ ଓ ଟ୍ରଷ୍ଟବୋର୍ଡର ମିଳିତ ସହଯୋଗରେ ଏହି ମହତ୍ୱପୂର୍ଣ୍ଣ ସେବା ଆରମ୍ଭ ହୋଇଥିବା ବେଳେ ନିଆଳି ତହସିଲଦାର ତାରେଣୀ ରଂଜନ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି ବୋଲି ମନ୍ଦିର ସେବାୟତ ମାନଙ୍କ ପକ୍ଷରୁ କୁହାଯାଇଛି ।

## ଶିକ୍ଷାଦାନରେ ନିଷ୍ଠା ଓ ଦାୟିତ୍ୱବୋଧ ରଖିବାକୁ ପରାମର୍ଶ


ଝାରସୁଗୁଡ଼ା,(ନିପ୍ର): ଆଦିବାସୀ, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ାରେ ୧୮ତମ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଛି । ଏହି ଅବସରରେ ୪୮ ଜଣ ନବନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଜ ନିଜ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ।
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ । ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିବା ସହ ଶିକ୍ଷକତା କେବଳ ଏକ ବୃତ୍ତି ନୁହେଁ, ବରଂ ସମାଜ




ଗଠନର ଏକ ଗୁରୁଦାୟିତ୍ୱ ବୋଲି ଉଲ୍ଲେଖ କରିଥିଲେ । ଶିକ୍ଷାଦାନ କ୍ଷେତ୍ରରେ ଶୃଙ୍ଖଳା, ସଚ୍ଚୋଟତା ଓ କର୍ତ୍ତବ୍ୟନିଷ୍ଠାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ନବନିଯୁକ୍ତ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଏନ୍.ଆର. ଲଳିତ ସୋରେଙ୍ଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସେମାନେ ବିଦ୍ୟାଳୟରେ ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ମାନସିକ ସୁସ୍ଥତା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହ ବିଦ୍ୟାଳୟରେ ଏକ ସୁସ୍ଥ, ସୁରକ୍ଷିତ ଓ ଶିକ୍ଷଣ ଅନୁକୂଳ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମାରୋହରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନା ରାଉଡ଼ିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପବ୍ଲିସିଟି ଅଧିକାରୀ ପ୍ରୀତିନନ୍ଦା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


## ଜିଲ୍ଲାସ୍ତରୀୟ ପେନ୍ସନ୍ ଅଦାଲତ

ବୌଦ୍ଧ,(ନି.ପ୍ର): ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ଯଥାସମୟରେ ପ୍ରଦାନ କରିବା ସହିତ ଦୀର୍ଘଦିନ ଧରି ବିଚାରାଧୀନ ଥିବା ପେନ୍ସନ୍ ମାମଲାଗୁଡ଼ିକର ତ୍ୱରିତ ଫଇସଲା କରିବା ଉଦ୍ଦେଶ୍ୟରେ ବୁଧବାର ବୌଦ୍ଧଠାରେ ଏକ ଜିଲ୍ଲାସ୍ତରୀୟ ‘ପେନ୍ସନ୍ ଅଦାଲତ’ ଅନୁଷ୍ଠିତ ହେବ । ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦ୍ଭାବନା ସଭାଗୃହରେ



ଅଦାଲତ ଚାଲିବ । ଜିଲ୍ଲାର ଯେକୌଣସି ପେନ୍ସନ୍ ସମ୍ବନ୍ଧୀୟ ସମସ୍ୟା ବା ଅଭିଯୋଗ ଥିବା ପେନ୍ସନ୍ଭୋଗୀ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏଥିରେ ଯୋଗଦେଇ ନିଜର ଅଭିଯୋଗ ଉପସ୍ଥାପନ କରିପାରିବେ । ଏହି ଅଦାଲତର ସଫଳ ଆୟୋଜନ ଓ ପେନ୍ସନ୍ଭୋଗୀଙ୍କୁ ତ୍ୱରିତ ସେବା ଯୋଗାଇଦେବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧକ୍ଷତାରେ ଆଜି ଏକ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଓ ପେନ୍ସନ୍ ଅନୁମୋଦନକାରୀ କର୍ତ୍ତୃପକ୍ଷଙ୍କୁ ନିଜ ନିଜ ବିଭାଗରେ ବିଚାରାଧୀନ ଥିବା ପେନ୍ସନ୍ ମାମଲାଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ପରଦିନ କନ୍ଧମାଳ ଜିଲ୍ଲାର ପେନ୍ସନ୍ ମାମଲାର ଶୁଣାଣି ଏଠାରେ କରାଯିବ ।

## ବରିଷ୍ଠ ସାମ୍ବାଦିକ ଅରୁଣ ଦାଶଙ୍କ ବିୟୋଗରେ ସ୍ମୃତିଚାରଣ ସଭା



ଭୁବନେଶ୍ୱର, ୩।୧୧: ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ଦାଶଙ୍କ ବିୟୋଗରେ ମଙ୍ଗଳବାର ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜଠାରେ ଏକ ସ୍ମୃତିଚାରଣ ସଭା ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଣେ ସତ୍ୟନିଷ୍ଠ, ସ୍ୱାଭିମାନୀ ସାମ୍ବାଦିକ ଭାବେ ସ୍ୱର୍ଗତ ଅରୁଣ ଦାଶ ତାଙ୍କର ଉଚ୍ଚମାନର ସ୍ତମ୍ଭଲେଖା ପାଇଁ ସବୁ ମହଲରେ ପରିଚିତ ଥିଲେ । ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତୀ ଲାଭ କରିଥିବା ସ୍ୱର୍ଗତ ଦାଶ ‘ସମ୍ବାଦ’ରୁ ତାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ କରି ବିଭିନ୍ନ ଦୈନିକ ଖବରକାଗଜରେ ସାମ୍ବାଦିକତା କରି ଆସୁଥିଲେ । ବିଭିନ୍ନ ସମସ୍ୟା ସତ୍ତ୍ୱେ ସେ ନିଛକ ସାମ୍ବାଦିକତାରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାମ କରି ସୁନାମ ହାସଲ କରିଥିବାରୁ ତାଙ୍କ ସ୍ମୃତିଚାରଣ ସଭାରେ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସ୍ୱର୍ଗତ ଦାଶଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ତରଫରୁ ଆର୍ଥିକ ସହାୟତା ପ୍ରଦାନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ସାହାଯ୍ୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ଜେନା, ହୃଷିକେଶ ମହାନ୍ତି, ପାର୍ଥସାରଥୀ ଜେନା, ସଞ୍ଜୟ ପ୍ରଧାନ, ଦେବକାନ୍ତ ମହାପାତ୍ର, ପ୍ରିୟ ରଞ୍ଜନ ସାହୁ, ମାଧବ ବେହୁରା, କିଶୋର ମଙ୍ଗରାଜ, ରମେଶ ରାୟ, ସ୍ୱରୂପ ଦାସ, ସୁକାନ୍ତ ମହାନ୍ତି, କିଶୋର ଜେନା, ସ୍ୱରୂପ ମହାନ୍ତି, ସର୍ବେଶ୍ୱର ବର୍ଦ୍ଧନ, ସୂର୍ଯ୍ୟକାନ୍ତ ନାୟକ ସୁରେଶ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ ।

## ‘କଟକ ନାଟ୍ୟୋତ୍ସବ-୨୦୨୬’ର ଚୂଡ଼ାନ୍ତ ପର୍ଯ୍ୟାୟ ଆରମ୍ଭ

# ପ୍ରଥମ ଦିନରେ ଦର୍ଶକଙ୍କ ମନ ଜିଣିଲା ୩ ନାଟକ

କଟକ (ନିପ୍ର): ମଞ୍ଚରେ ଅଭିନୟର ଯାଦୁ, ସଂଳାପରେ ଭାବନାର ସ୍ପର୍ଶ, ଆଉ କାହାଣୀରେ ସମାଜର ବାସ୍ତବ ଚିତ୍ର । ଏମିତି ଏକ ନାଟ୍ୟମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି ‘କଟକ ନାଟ୍ୟୋତ୍ସବ-୨୦୨୬’ର ଚୂଡ଼ାନ୍ତ ପର୍ଯ୍ୟାୟ । ପ୍ରଥମ ଦିନରେ ତିନିଟି ଭିନ୍ନ ସ୍ୱାଦର ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ଜିଣିବା ସହ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବର ଶୁଭାରମ୍ଭ ରେଭେନ୍ସା ବିଶ୍ୱବିଦ୍ୟାଳୟର ‘ସେଭେନ୍ ପିଲର୍ସ ଅଫ୍ ୱିଜଡମ୍’ଠାରେ ପାରମ୍ପରିକ ମଞ୍ଚ ପୂଜା ସହ ହୋଇଥିଲା । ପ୍ରଥମ ଦିନର ପ୍ରଥମ ଆକର୍ଷଣ ଥିଲା ‘ମହାବାହୁ’ । ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମହିମାକୁ ଆଧାର କରି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହାକୁ ମଞ୍ଚସ୍ଥ କରିଥିଲେ । ନାଟକର ନିଖୁଣ ଅଭିନୟ ଓ ଭାବପୂର୍ଣ୍ଣ ଉପସ୍ଥାପନା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ଦ୍ୱିତୀୟ ନାଟକ ‘ନୀରବ ଚିଠି’ ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା । ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପରିବେଷିତ ଏହି ନାଟକରେ ଯୌଥ ପରିବାରର ମହତ୍ତ୍ୱ, ପାରିବାରିକ ସମ୍ପର୍କ ଓ ନିଜ ପରିବାର ପାଇଁ ସମୟ ଦେବାର ଆବଶ୍ୟକତାକୁ ଭାବପ୍ରବଣ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା । ସେହିପରି ଦିନର ଶେଷ ନାଟକ ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଷିତ ହୋଇଥିଲା ‘ଫେରିଆ ବୋଇତ ସପନ ନେଇ’ । କଟକର ଐତିହାସିକ ବାଲିଯାତ୍ରା, ଓଡ଼ିଆ ନୌବାଣିଜ୍ୟ ପରମ୍ପରା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିକୁ ନାଟକ ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଥିଲା । ଏହା ଦର୍ଶକଙ୍କୁ କଟକର ଗୌରବମୟ ଐତିହ୍ୟ ସହ ଯୋଡ଼ିବାରେ ସଫଳ ହୋଇଥିଲା ।


# ଦୀପାବଳି ପର୍ବ ଉପଲକ୍ଷେ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର



ବୁଗୁଡ଼ା,(ନିପ୍ର): ଆଲୋକର ପର୍ବ ଦୀପାବଳି ଆସନ୍ତା ୦୮ ତାରିଖ ରବିବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ପ୍ରଭାବରେ ହଜିନଯାଇ ଅଦ୍ୟାବଧି ବଞ୍ଚିରହିଛି । ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇବା ପାରୁଥିଲା । ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଦେଖା ଦେଲାଣି । ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହାକି ପୂଜା ବ୍ରତ ସକାଶେ ନିହାତି ଜରୁରୀ । ଓଡ଼ିଆଙ୍କ ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତା ରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର ଲୋକେ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି ।ବିଜ୍ଞାନ ଯୁଗରେ ଆଲୋକର ପର୍ବ ଦୀପାବଳି ପାଳନ ସକାଶେ ରଙ୍ଗ ବେରଙ୍ଗର ମହମବତୀ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେ ବି ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ ।ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ବୁଗୁଡା ବ୍ଲକର ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଙ୍ଗି ଗ୍ରାମରେ ରହୁଥିବା ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଦ ବେହେରା, ଗୋବିନ୍ଦ ବେହେରା, ଅଶୋକ ବେହେରା ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । କୌଳିକ ବୃତ୍ତକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୁରାଉଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି ।

ତିଥି :(ଦଶମୀ): (ପୂର୍ବାଫାଃ ସିଂହ)
ଅମୃତ ବେଳା: ଦିବା ଘ ୬।୪୦ ମଧ୍ୟେ ଘ୭।୨୮ ଗତେ

## ଆଜିର ଅନୁଚିନ୍ତନ



ନିଜକୁ ସର୍ବଦା ପରମାତ୍ମାଙ୍କ ଠାରେ ସଂଯୁକ୍ତ କରିଥିବା ପାପରହିତ ଯୋଗୀ ସହଜରେ ବ୍ରହ୍ମପ୍ରାପ୍ତିରୂପକ ଆତ୍ୟନ୍ତିକ ସୁଖ ଅନୁଭବ କରେ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ସମୟର ଆହ୍ୱାନ

ନିକଟରେ ବିଶ୍ୱ ବ୍ୟାଙ୍କ ଗ୍ରୁପର ବିଶ୍ୱ ବିକାଶ ରିପୋର୍ଟ ୨୦୨୬: ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପ୍ରତିଶ୍ରୁତି ଉନ୍ମୋଚନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ ଉପସ୍ଥାପନ କରୁଥିବା ସୁଯୋଗ ଏବଂ ଆହ୍ୱାନଗୁଡ଼ିକର ପ୍ରାସଙ୍ଗିକତା କେତେ ତାହାକୁ ଉପସ୍ଥାପିତ କରିଛି,ଯାହା ଖୁବ୍ ଗୁରୁତ୍ୱ ରଖେ। ଗ୍ରହଣୀୟତା, ଅନୁକୂଳତା ଏବଂ ପ୍ରଗତି ମାଧ୍ୟମରେ ବିକାଶ ପାଇଁ ଏଆଇକୁ ଉପଯୋଗ କରିବା ଲାଗି ଦେଶଗୁଡ଼ିକ ପାଇଁ ଏକ ଡାଞ୍ଚା ପ୍ରସ୍ତୁତି ସମୟର ଆହ୍ୱାନ। ବିଶ୍ୱରେ ଏଆଇର ଦିନକୁ ଦିନ ଚାହିଦା ବଢୁଥିବା ଲକ୍ଷ୍ୟଣୀୟ ଦିଗ।ବରିଷ୍ଠ ନୀତି ନିର୍ଦ୍ଧାରକ, ବିଶ୍ୱ ବିକାଶ ବିଶେଷଜ୍ଞ, ପ୍ରଯୁକ୍ତିବିଦ୍ୟା ମୁଖ୍ୟ ଏବଂ ଅଭ୍ୟାସକାରୀମାନଙ୍କୁ ଏକତ୍ର ଆଣି ଭାରତ କିପରି ଏଆଇରୁ ବିକାଶ ଲାଭକୁ ସର୍ବାଧିକ ଏବଂ ସୁରକ୍ଷିତ ଭାବରେ ବଜାୟ ରଖିପାରିବ ସେ ବିଷୟରେ ହୋଇଥିବା ବିଚାରବିମର୍ଶ ଆଗକୁ ନୂଆ ସମ୍ଭାବନା ସୃଷ୍ଟି କରିଛି ନିଶ୍ଚୟ।

ଏଆଇ ବିକାଶଶୀଳ ଅର୍ଥବ୍ୟବସ୍ଥାରେ ବିଶେଷଜ୍ଞତାର ଉପଲବ୍ଧତା ଦିନକୁ ଦିନ ବୃଦ୍ଧି, ପାଉଛି ଯେହେତୁ ସେହି ଆଧାରରେ ଉତ୍ପାଦକତା ବୃଦ୍ଧି ଏବଂ ସେବା ପ୍ରଦାନରେ ଉନ୍ନତି ଆଣିବା ନେଇ ଗୁରୁତ୍ୱ ଭବିଷ୍ୟତ ପାଇଁ ସୁଗମତାକୁ ଅଧିକ ପ୍ରଶସ୍ତ କରେ ବୋଲି କହିବାକୁ ହେବ। ଡାକ୍ତରୀ ସ୍କ୍ରିନିଂ, କୃଷି ସମ୍ବନ୍ଧୀୟ ନିଷ୍ପତ୍ତି ଗ୍ରହଣ ଏବଂ ଶିକ୍ଷା କ୍ଷେତ୍ରରେ ଏଆଇ-ଆଧାରିତ ଉପକରଣଗୁଡ଼ିକୁ ନିୟୋଜିତ କରାଯାଉଛି, ଯାହା ଜନସଂଖ୍ୟାର ବୃହତ ବର୍ଗଙ୍କୁ ଦୁର୍ଲଭ ବିଶେଷଜ୍ଞତା ପ୍ରଦାନର ଦିଗ। ଏହି ଲାଭ ବିଶ୍ୱସନୀୟ ବିଦ୍ୟୁତ ଏବଂ ସଂଯୋଗ, କମ୍ପ୍ୟୁଟିଂ ଭିତ୍ତିଭୂମି, ଗୁଣାତ୍ମକ ତଥ୍ୟ, ଦକ୍ଷତା, ଶିକ୍ଷା ବ୍ୟବସ୍ଥା ଏବଂ ସକ୍ଷମ ଅନୁଷ୍ଠାନ ସମେତ ଦୃଢ଼ ମୂଳଦୁଆ ଉପରେ ଅବଶ୍ୟ ନିର୍ଭରଶୀଳ। ଆଇଟି ମନ୍ତ୍ରୀ ପ୍ରଯୁକ୍ତିବିଦ୍ୟାକୁ ଗଣତାନ୍ତ୍ରିକ କରିବାର ଭାରତର ଆଭିମୁଖ୍ୟକୁ ରେଖାଙ୍କିତ କରିଥିବା ଦୃଷ୍ଟିରୁ ଏଆଇର ଲାଭ ସାରା ଦେଶର ନାଗରିକ, ଉଦ୍ୟୋଗ ଏବଂ ଅନୁଷ୍ଠାନ ପର୍ଯ୍ୟନ୍ତ ପହଞ୍ଚିପାରିବାର ପରିସର ହିଁ ସୃଷ୍ଟି ହେଲା।

ଏଆଇ ସାଧାରଣ ଲୋକଙ୍କ ଜୀବନକୁ ବଦଳାଇ ଦେଉଛି। ମହାରାଷ୍ଟ୍ରର ପୁନେ ଅଞ୍ଚଳରେ ରହିଛି ବାରାମତି। ସେଠାରେ, ୩୦ ପ୍ରତିଶତ କମ୍ ପାଣି ଏବଂ ସାର ସହିତ ଆଖୁ ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ପାଇଛି, ଯେଉଁ କୃଷକମାନେ କମ୍ପ୍ୟୁଟର ବ୍ୟବହାର କରିବା ବଦଳରେ କେବଳ ଫୋନରେ ଭଏସ୍ ବ୍ୟବହାର କରି ଏପରି ସଫଳତା ହାସଲ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯକ୍ଷ୍ମା ଚିହ୍ନଟ ୩୫ ପ୍ରତିଶତ ବୃଦ୍ଧି ପାଇଛି। ଏଭଳି ଉଦାହରଣ ସମଗ୍ର ଦକ୍ଷିଣ ବିଶ୍ୱ ଏବଂ ବିଶ୍ୱରେ ଜୀବନକୁ ବଦଳାଇ ଦେଇପାରେ ,ଏପରି ନବ ଦିଗନ୍ତ ସଂପ୍ରତି ସୃଷ୍ଟି କରିଛି।

ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ପ୍ରଶାସନ, ଆର୍ଥିକ ସେବା ଏବଂ ସାର୍ବଜନୀନ ତଥା ଅର୍ଥନୈତିକ ଗୁରୁତ୍ୱ ବହନ କରୁଥିବା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରୟୋଗ ସହିତ ଏଆଇର ବିକାଶ ଏବଂ ନିୟୋଜନ ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ ଭାବେ ଉଭା । ଆଗକୁ ଅନେକ ସମ୍ଭାବନା ରଖିଛି। ତେବେ ତାହାର ନକାରାତ୍ମକ ଦିଗ କେତେ କ୍ଷତି ଘଟାଇବ ସେଥିନେଇ ମଧ୍ୟ ବିଚାରବିମର୍ଶ କରାଯିବା ଦରକାର। ମନେ ରଖିବାକୁ ହେବ ଯେ ଏଆଇ ସୃଷ୍ଟି କରିବା ଯେତେ ବଡ ନୁହେଁ ବରଂ ଏହାକୁ ବିଚାରପୂର୍ଣ୍ଣ ଭାବରେ ନିୟୋଜିତ କରିବା ସମୟର ଆହ୍ୱାନ ବୋଲି କହିବାକୁ ହେବ।

# ଓଡ଼ିଶାରେ ଶିକ୍ଷା ବିପ୍ଳବ ଆବଶ୍ୟକ

### ଅଧ୍ୟାପକ ଗୋପବନ୍ଧୁ

"

**ରାଜ୍ୟରେ ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ରାଜ୍ୟର ସମସ୍ତ ନାଗରିକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ ଜରୁରୀ।**

ଶିକ୍ଷା ସଭ୍ୟତାର ମାର୍ଗଦର୍ଶକ ଓ ବିକାଶର ବାହକ। ଉପଯୁକ୍ତ ଶିକ୍ଷା ମନୁଷ୍ୟକୁ ସୁସଭ୍ୟ କରାଏ। ବ୍ୟକ୍ତିତ୍ୱର ବିକାଶ ଘଟାଏ ଓ ଗୋଟିଏ ସମାଜକୁ ଆଗକୁ ବଢ଼ିବାରେ ସହାୟକ ହୁଏ। ଏହା ସମସ୍ତ ପ୍ରକାର ବିକାଶର ଭିତ୍ତିଭୂମି ତିଆରି କରେ। ତେଣୁ ଯୁଗେ ଯୁଗେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆହୋଇ ଆସିଛି। ପରିବାର ହେଉ, ଅଂଚଳ ହେଉ ଅଥବା ରାଷ୍ଟ୍ର ହେଉ ଶିକ୍ଷା ବିନା ବିକାଶର କଳ୍ପନା କରିବା ସମ୍ଭବପର ନୁହେଁ। ଯେ କୌଣସି ରାଷ୍ଟ୍ରର ବିକାଶ ଦିଗରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାନଭାବେ ପଛୁଆ ରାଜ୍ୟ ଓଡ଼ିଶାର ବିକାଶ ପାଇଁ ଶିକ୍ଷାର ଭୂମିକାକୁ ଆଦୌ ଅଣଦେଖା କରିହେବ ନାହିଁ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଶିକ୍ଷା ମାଧ୍ୟମରେ ଆମକୁ ବିକାଶର ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ। ଯାହା ବିକାଶକୁ ତ୍ୱରାନ୍ୱିତ କରିବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନର ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇ ପାରିବ'। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଓଡିଶାରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ।

ଓଡିଶାରେ ଶିକ୍ଷା ଆନ୍ଦୋଳନର ଆବଶ୍ୟକତା ରହିଛି। ଏଥିପାଇଁ ରାଜନୈତିକ ସଦିଚ୍ଛା ଲୋଡ଼ା। ଏହାର ଅଭାବ ଆମ ରାଜ୍ୟରେ ରହିଆସିଛି। ଯେଉଁମାନେ ଶାସନ ଓ ପ୍ରଶାସନରେ ରହି ଆସିଛନ୍ତି ସେମାନେ ଚାହିଁ ନାହାଁନ୍ତି ଓଡ଼ିଶାର ସମସ୍ତଙ୍କୁ ଶିକ୍ଷିତ କରିବା ସହିତ ଗୁଣାତ୍ମକ ଶିକ୍ଷାର ବିକାଶ କରାଯାଉ ବୋଲି। ଏ ଦିଗରେ ଉପାଦେୟ ଯୋଜନା ପ୍ରସ୍ତୁତ ହୋଇନାହିଁ। ରାଜ୍ୟରେ ସର୍ବଶିକ୍ଷା ଅଭିଯାନ ଅନେକାଂଶରେ କାଗଜ କଲମରେ ଚାଲିଛି। ଏଥିରେ ଆନ୍ତରିକତା ଥିବା ପରି ମନେହୁଏ ନାହିଁ। ରାଜ୍ୟ ସରକାର ଯଦି ଚାହାଁନ୍ତି ତେବେ ଶିକ୍ଷାର ବ୍ୟାପକ ପ୍ରସାର ସାମାଜିକ ସଂକଳ୍ପରେ ପରିଣତ ହୋଇପାରିବ। ଓଡ଼ିଶାରେ ଶିକ୍ଷା କ୍ରାନ୍ତି ଆସିପାରିବ। ତେଣୁ ରାଜ୍ୟରେ ଏପରି ଏକ ସରକାର ଦରକାର ଯିଏ ଶିକ୍ଷାକୁ ଏକ ମୌଳିକ ଆବଶ୍ୟକତା ରୂପେ ଅଗ୍ରାଧିକାର ଦେଉଥିବ। ଶିକ୍ଷାର ବିକାଶ ରାଜ୍ୟର ବିକାଶ, ଏହି ଅବଧାରଣାକୁ କାର୍ଯ୍ୟରେ ପ୍ରତିଫଳିତ କରୁଥିବ। ଏ ଦିଗରେ ଉଭୟ ଶାସନ ଓ ପ୍ରଶାସନରେ ଶିକ୍ଷାନୁରାଗୀଙ୍କ ନେତୃତ୍ୱ ଲୋଡ଼ା।

ଏବେ ସରକାରୀ ସ୍କୁଲରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରର ପିଲାମାନେ ତଥା ଗାଁ ଗହଳିର ପିଲାମାନେ ପଢୁଛନ୍ତି ଯେଉଁମାନେ ଆର୍ଥିକଭାବେ ସ୍ୱଚ୍ଛଳ ନୁହନ୍ତି। ରାଜ୍ୟରେ ଅନେକ ଶିକ୍ଷକ ପଦ ଖାଲିପଡିଛି। ଉପଯୁକ୍ତ ପ୍ରଶିକ୍ଷିତ ଶିକ୍ଷକ ମଧ୍ୟ ନାହାଁନ୍ତି। ଅନେକ ସ୍କୁଲରେ ଏକାଧିକ ଶ୍ରେଣୀ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ଉଚ୍ଚଶିକ୍ଷାରେ ମାଫିଆମାନେ ସକ୍ରିୟ। କ୍ଲାସରେ ଠିକ୍‌ରେ ପାଠପଢା ହେଉନାହିଁ। ଅନେକ ସ୍ଥାନରେ ଠିକା ଶିକ୍ଷକ ଓ ଅଧ୍ୟାପକଙ୍କ ଦ୍ୱାରା କାମ ଚାଲିଛି। ଅନେକ ଛାତ୍ରଛାତ୍ରୀ ନକଲ ଉପରେ ନିର୍ଭର କରୁଛନ୍ତି। ପ୍ରଶ୍ନପତ୍ର ଲିକ୍ ମଧ୍ୟ ହେଉଛି। ଶିକ୍ଷିତଙ୍କ ହିସାବ କାଗଜ କଲମରେ ଠିକ ଅଛି। ଏହି ଶିକ୍ଷିତଙ୍କ ମଧ୍ୟରୁ ଅଧିକାଂଶ ଠିକରେ ପଢିଲେଖି ପାରିବେ ନାହିଁ। ପ୍ରକୃତ ପକ୍ଷେ ଉଭୟ ଗୁଣାତ୍ମକ ଓ ସଂଖ୍ୟାତ୍ମକ ଶିକ୍ଷାର ପ୍ରସାର କ୍ଷେତ୍ରରେ ପଛରେ ପଡିଯାଇଛି। ଏ ଦିଗରେ ଅନୁଶୀଳନ ଜରୁରୀ।

୨୦୧୧ ମସିହାର ଜନଗଣନା ଅନୁଯାୟୀ ଭାରତବର୍ଷରେ ଶିକ୍ଷାର ହାର ଶତକଡା ୭୪ ଭାଗ ଓ ଓଡିଶାରେ ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତି। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ତଥା ରାଜ୍ୟରେ ବିଷମ ସମାଜ ତିଆରି ହୋଇଛି। ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ୍ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପିଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। ଓଡିଶାରେ ଶତ ପ୍ରତିଶତ ଶିକ୍ଷାହାର କିପରି ହାସଲ କରାଯାଇ ପାରିବ ସେ ଦିଗରେ ଯୋଜନା ଜରୁରୀ।

ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି। ପ୍ରତିଦ୍ୱନ୍ଦୀ ଚୀନ ବି ବହୁ ଆଗରେ ଅଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ଓଡ଼ିଶାରେ ଏ ହାର ଆହୁରି କମ୍ ହେବ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷିପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଏକଥାକୁ ବୋଧହୁଏ ଆମ ରାଜ୍ୟର ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାଁନ୍ତି। ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇନାହିଁ।

ଆମ ରାଜ୍ୟରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ। ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର। ସମାଜରେ ଦେଖାଦେଉଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ। ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି। ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ। ଅନେକ ବ୍ୟକ୍ତିଙ୍କ ଏତାଦୃଶ୍ୟ ପ୍ରୟାସ ରାଜ୍ୟକୁ ଆଗେଇ ନେବାରେ ସହାୟକ ହେବ। ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରିବ।

ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି। ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି। ଭିଡତନ୍ତ୍ରର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ। ଉଚ୍ଚଶିକ୍ଷାନୁଷ୍ଠାନଗୁଡିକୁ ରାଜନୈତିକ ଆଖଡାରେ ପରିଣତ କରାଯାଏ। ଏଗୁଡ଼ିକୁ ଧ୍ୱଂସ କରିବାର ପ୍ରୟାସ ହୁଏ। ଶିକ୍ଷାର ଘୋରଇକରଣ ପରିସ୍ଥିତିକୁ ଆହୁରି ଜଟିଳ କରିଛି।

ରାଜ୍ୟରେ ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ରାଜ୍ୟର ସମସ୍ତ ନାଗରିକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ ଜରୁରୀ।

ବାରିପଦା, ମୟୂରଭଞ୍ଜ,
ମୋ. ୯୪୩୮୨୪୮୮୫୪

# ଇପିଏଫ ପେନ୍‌ସନ୍ ଭୋଗୀଙ୍କ ଦୁଃଖ କେବେ ସରକାର ବୁଝିବେ ?

### ବିଷ୍ଣୁ ପ୍ରସାଦ ଦାସ

ଜଣେ କର୍ମଚାରୀ ନିଜ ଜୀବନର ସୁବର୍ଣ୍ଣ ସମୟକୁ କର୍ମକ୍ଷେତ୍ରରେ ଉତ୍ସର୍ଗ କରିଥାଏ । ଦୀର୍ଘ ୩୦ରୁ ୩୫ ବର୍ଷ ଧରି ନିଷ୍ଠା, ପରିଶ୍ରମ ତଥା ଦାୟିତ୍ୱବୋଧ ସହିତ କାର୍ଯ୍ୟ କରି ସେ ନିଜର ଅବସର ଜୀବନକୁ ଶାନ୍ତିରେ କାଟିବାର ସ୍ୱପ୍ନ ଦେଖେ । କିନ୍ତୁ ଅବସର ପରେ ଯେତେବେଳେ ସେ ଆର୍ଥିକ ଅନିଶ୍ଚିତତା, ଔଷଧ, ଚିକିତ୍ସା ଖର୍ଚ୍ଚର ଚାପରେ ଜୀବନ କାଟେ, ସେତେ ବେଳେ ତା'ର ସମସ୍ତ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ । ଆଜି ଦେଶର ଲକ୍ଷ ଲକ୍ଷ ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ଜୀବନରେ ଏହି ଦୁଃଖଦ ବାସ୍ତବତା ପ୍ରତିଫଳିତ ହେଉଛି ।

କର୍ମଚାରୀ ପେନ୍‌ସନ୍ ଯୋଜନା ଅଧୀନରେ ଅନେକ ପେନ୍‌ସନ୍ ଭୋଗୀ ଅତ୍ୟନ୍ତ ଅଳ୍ପ ପେନ୍‌ସନ୍ ପାଇ ଜୀବନ ଅତିବାହିତ କରୁଛନ୍ତି । ଦୀର୍ଘଦିନ ଧରି ସର୍ବନିମ୍ନ ମାସିକ ପେନ୍‌ସନ୍ ୧,୦୦୦ ଟଙ୍କା ରହିବା ଏକ ଗଭୀର ଚିନ୍ତାର ବିଷୟ । ଆଜିର ସମୟରେ ଯେଉଁଠାରେ ଖାଦ୍ୟପଦାର୍ଥ, ଔଷଧ, ବିଦ୍ୟୁତ୍ ଶୁଳ୍କ, ଘରଭଡ଼ା ଏବଂ ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବଢ଼ି ଚାଲିଛି, ସେଠାରେ ସର୍ବନିମ୍ନ ମାସିକ ୧,୦୦୦ ଟଙ୍କାରେ ଜଣେ ବୃଦ୍ଧ/ ବୃଦ୍ଧା ମଣିଷ କିପରି ବଞ୍ଚିବେ ?

ଇପିଏସ୍-୯୫ ପେନ୍‌ସନ୍ ଭୋଗୀ ସଂଗଠନଗୁଡ଼ିକ ଦୀର୍ଘଦିନ ଧରି ସର୍ବନିମ୍ନ ମାସିକ ପେନ୍‌ସନ୍ ୭,୫୦୦ ଟଙ୍କା ସହିତ ମହଙ୍ଗା ଭତ୍ତା, ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଦାବି କରି ଆସୁଛନ୍ତି । ଏହି ଦାବି କୌଣସି ବିଳାସପୂର୍ଣ୍ଣ ଜୀବନ ଯାପନ ପାଇଁ ନୁହେଁ, ଏହା ହେଉଛି ମର୍ଯ୍ୟାଦାର ସହିତ ବଞ୍ଚିବାର ଏକ ନ୍ୟାୟସଙ୍ଗତ ଅଧିକାର । ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ଇପିଏଫ ପେନସନ ଭୋଗୀ କ'ଣ ଜୀବନର ଶେଷ ସମୟରେ ପୋକ ମାଛି ପରି ବଞ୍ଚିବେ ? ବୃଦ୍ଧାବସ୍ଥା ହେଉଛି ଜୀବନର ଏକ ସମ୍ବେଦନଶୀଳ ସମୟ । ଏହି ସମୟରେ ମଣିଷର ଶାରୀରିକ କ୍ଷମତା କମିଯାଏ, ରୋଗବ୍ୟାଧି ବଢ଼େ ଏବଂ ନିୟମିତ ଚିକିତ୍ସାର ଆବଶ୍ୟକତା ଦେଖାଦିଏ । ଅନେକ ପେନ୍‌ସନ୍ ଭୋଗୀଙ୍କ ପାଖରେ ଅନ୍ୟ କୌଣସି ଆୟର ଉତ୍ସ ନାହିଁ । ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ଏହା ମାନବିକ ସମ୍ମାନ ଏବଂ ସାମାଜିକ ନ୍ୟାୟର ପ୍ରଶ୍ନ ।

ପ୍ରଶ୍ନ ଉଠେ, ଯେଉଁ କର୍ମଚାରୀମାନେ ନିଜର ଯୌବନ ଏବଂ ଶ୍ରମକୁ ଦେଶର ଶିଳ୍ପ, ବାଣିଜ୍ୟ ଏବଂ ଅର୍ଥନୈତିକ ବିକାଶରେ ନିୟୋଜିତ କରିଥିଲେ, ସେମାନଙ୍କ ବୃଦ୍ଧାବସ୍ଥାର ସୁରକ୍ଷା କ'ଣ ଆମ ଗଣତନ୍ତ୍ର ସରକାରଙ୍କ ଦାୟିତ୍ୱ ନୁହେଁ ? ଦେଶର ଅର୍ଥନୀତି ଆଗକୁ ବଢୁଛି, ଜାତୀୟ ଆୟ ବୃଦ୍ଧି ପାଉଛି, ବିଭିନ୍ନ କ୍ଷେତ୍ରରେ ଉନ୍ନତି ହେଉଛି, ଦେଶ ପୃଥିବୀରେ ବିଶ୍ୱଗୁରୁର ମାନ୍ୟତା ପାଉଛି । କିନ୍ତୁ ଦେଶର ବିକାଶରେ ଯୋଗଦାନ ଦେଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ କାହିଁକି ଆର୍ଥିକ ଅଭାବରେ ଦିନ କାଟିବେ ? ଏହା କ'ଣ ଦୀପ ତଳ ଅନ୍ଧକାର ପରି କଥା ନୁହେଁ କି ?

ସରକାର ଏହି ସମସ୍ୟାକୁ କେବଳ ଆନୁଷ୍ଠାନିକ ଆଲୋଚନା ମଧ୍ୟରେ ସୀମିତ ନ'ରଖି ଏକ ସ୍ଥାୟୀ ସମାଧାନର ପଥ ଖୋଜିବା ଉଚିତ୍ ପଦକ୍ଷେପ ହେବ । ସର୍ବନିମ୍ନ ପେନ୍‌ସନ୍‌କୁ ଯୁକ୍ତିସଙ୍ଗତ ଭାବରେ ବୃଦ୍ଧି କରିବା, ମହଙ୍ଗା ଭତ୍ତା ପ୍ରଦାନ, ନିୟମିତ ସଂଶୋଧନ ଏବଂ ପେନ୍‌ସନ୍ ଭୋଗୀଙ୍କ ପାଇଁ ସୁଲଭ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଆବଶ୍ୟକ । ସେମାନଙ୍କ ଦାବି ଏବଂ ଅଭିଯୋଗ ଶୁଣିବା ପାଇଁ ଏକ ସ୍ୱଚ୍ଛ, ଦାୟିତ୍ୱବାନ ବ୍ୟବସ୍ଥା ମଧ୍ୟ ରହିବା ଦରକାର।

ଇପିଏଫ ପେନ୍‌ସନ୍ ଭୋଗୀଙ୍କ ଦୁଃଖକୁ ରାଜନୈତିକ ପ୍ରତିଶ୍ରୁତିର ବିଷୟ ଭାବେ ବିବେଚନା ନ'କରି ମାନବିକ ଦୃଷ୍ଟିକୋଣରୁ ବିଚାର କରନ୍ତୁ । ଲକ୍ଷ ଲକ୍ଷ ଇପିଏଫ୍ ପେନସନ ଭୋଗୀଙ୍କୁ ସରକାର୍ ଭିକ୍ଷା ନୁହେଁ, ବରଂ ନ୍ୟାୟ ଦିଅନ୍ତୁ, ବୃଦ୍ଧାବସ୍ଥାରେ ଆର୍ଥିକ ଅନିଶ୍ଚିତତା ଏବଂ ସମ୍ମାନର ସହିତ ବଞ୍ଚିବାର ଅଧିକାର ଦିଅନ୍ତୁ । ଦେଶର ପ୍ରକୃତ ଉନ୍ନତି କେବଳ ଅର୍ଥନୈତିକ ସମୃଦ୍ଧିରେ ସମ୍ଭବ ନୁହେଁ, ବରଂ ତାହାର ବରିଷ୍ଠ ନାଗରିକମାନେ କେତେ ସମ୍ମାନ ଏବଂ ସୁରକ୍ଷାର ସହିତ ଜୀବନ ବିତାଉଛନ୍ତି, ସେଥିରେ ପ୍ରତିଫଳିତ ହୁଏ ।

କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# କୋଟିଆରେ ମୁହାଁମୁହିଁ ପରିସ୍ଥିତି ! ଓଡ଼ିଶାର ସୀମା ସୁରକ୍ଷାକୁ ଆହ୍ୱାନ

### ସୌଭାଗ୍ୟ ରଞ୍ଜନ ମହାନ୍ତି

"

**କୋଟିଆର ଲୋକଙ୍କୁ ଭୟଭୀତ କରିବା, ଚାପ ପ୍ରୟୋଗ କରିବା କିମ୍ବା ସେମାନଙ୍କ ମତଦାନ ଅଧିକାରକୁ ନେଇ ଅନିଶ୍ଚିତତା ସୃଷ୍ଟି କରିବା କୌଣସି ପକ୍ଷ ପାଇଁ ଉଚିତ ନୁହେଁ। ଏହି ଅଞ୍ଚଳର ସାଧାରଣ ଲୋକଙ୍କୁ ରାଜନୈତିକ ଲଢ଼େଇର ଉପକରଣ କରାଯିବା ଉଚିତ ନୁହେଁ। ଗଣତନ୍ତ୍ରରେ ଲୋକଙ୍କ ମତାମତ ଓ ମର୍ଯ୍ୟାଦା ସର୍ବୋଚ୍ଚ। ଏହି ପ୍ରସଙ୍ଗରେ ଆଉ ଏକ ଗମ୍ଭୀର ଦିଗ ହେଉଛି ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ। ଓଡ଼ିଶାରେ ଶାସକ ଓ ବିରୋଧୀ ଦଳମାନେ କୋଟିଆ ପ୍ରସଙ୍ଗରେ ଏକାଠି ହୋଇଥିବା ଏକ ସକାରାତ୍ମକ ସଙ୍କେତ।**

କୋଟିଆ ଆଜି କେବଳ କୋରାପୁଟ ଜିଲ୍ଲାର ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଓଡ଼ିଶାର ଭୌଗୋଳିକ ଅଖଣ୍ଡତା, ପ୍ରଶାସନିକ ଦାୟିତ୍ୱ, ରାଜନୈତିକ ଦୂରଦର୍ଶିତା ଓ ଆଦିବାସୀ ଜନଜୀବନର ସମ୍ମାନ ସହିତ ଜଡ଼ିତ ଏକ ଗମ୍ଭୀର ପ୍ରସଙ୍ଗ। ନଭେମ୍ବର ୫ ତାରିଖରେ ବିବାଦୀୟ କୋଟିଆ ଅଞ୍ଚଳକୁ ନେଇ ଆନ୍ଧ୍ରପ୍ରଦେଶର ନିର୍ବାଚନୀ କାର୍ଯ୍ୟକ୍ରମ ଏବେ ଦୁଇ ରାଜ୍ୟ ମଧ୍ୟରେ ନୂଆ ଉତ୍ତେଜନା ସୃଷ୍ଟି କରିଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ପୁଲିସ ବାହିନୀର ଉପସ୍ଥିତି, ସୀମାନ୍ତରେ ଯାନବାହନ ଯାଞ୍ଚ, ପ୍ରଶାସନିକ ନିରୀକ୍ଷଣ ଏବଂ ନିର୍ବାଚନୀ କାର୍ଯ୍ୟକଳାପକୁ ନେଇ ଦେଖାଦେଇଥିବା ଉତ୍ତେଜନା ଏହି ପ୍ରସଙ୍ଗକୁ ଅଧିକ ସମ୍ବେଦନଶୀଳ କରିଛି। ନଭେମ୍ବର ୨ ତାରିଖରେ ଆନ୍ଧ୍ରପ୍ରଦେଶରୁ ଚାଉଳ ନେଇ ଆସୁଥିବା ଏକ ଟ୍ରକ୍‌କୁ ନେରିଡିବାଲସା ଯାଞ୍ଚ କେନ୍ଦ୍ର ନିକଟରେ ଅଟକାଯିବା ପରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ହୋଇଥିବା ଖବର ସାମ୍ନାକୁ ଆସିଛି। ଏହା କେବଳ ଏକ ଟ୍ରକ୍‌କୁ ନେଇ ବିବାଦ ନୁହେଁ; ଏହା ପଛରେ ରହିଛି ଦୀର୍ଘ ଦଶନ୍ଧି ଧରି ଅନିର୍ମିତ ରହିଥିବା ସୀମା ବିବାଦର ଜଟିଳତା।

ପ୍ରଶ୍ନ ହେଉଛି, ଏକ ଗଣତାନ୍ତ୍ରିକ ଦେଶରେ ଦୁଇ ପଡ଼ୋଶୀ ରାଜ୍ୟର ପ୍ରଶାସନ ଓ ପୁଲିସ ବାହିନୀ ଏପରି ଏକ ପରିସ୍ଥିତିରେ ପହଞ୍ଚିବା ଉଚିତ କି? ଏହାର ଉତ୍ତର ହେଉଛି—ସୀମାର ସୁରକ୍ଷା ଆବଶ୍ୟକ, କିନ୍ତୁ ଶାନ୍ତିର ସୁରକ୍ଷା ମଧ୍ୟ ସମାନ ଭାବରେ ଆବଶ୍ୟକ। ଓଡ଼ିଶା ନିଜର ପ୍ରଶାସନିକ ଅଧିକାର ଓ ଆଇନଗତ ଦାବିକୁ ଦୃଢ଼ ଭାବରେ ଉପସ୍ଥାପନ କରିବା ଦରକାର, କିନ୍ତୁ ଏହି ପ୍ରକ୍ରିୟାରେ ସାଧାରଣ ଆଦିବାସୀ ଲୋକଙ୍କ ଜୀବନ, ଜୀବିକା ଓ ସ୍ୱାଧୀନତା ଯେପରି ପ୍ରଭାବିତ ନହୁଏ, ତାହା ମଧ୍ୟ ନିଶ୍ଚିତ କରିବାକୁ ହେବ।

କୋଟିଆର ବିବାଦ ଆଜିର ନୁହେଁ। ଦୀର୍ଘ ବର୍ଷ ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏହି ଅଞ୍ଚଳର କିଛି ଗ୍ରାମକୁ ନେଇ ପ୍ରଶାସନିକ ଓ ଭୌଗୋଳିକ ଦାବି ଚାଲିଆସୁଛି। କୋଟିଆ ପଞ୍ଚାୟତର ୨୮ଟି ଗ୍ରାମ ମଧ୍ୟରୁ ୨୧ଟି ଗ୍ରାମକୁ ନେଇ ବିବାଦ ରହିଛି ଏବଂ ଏହି ମାମଲା ୧୯୬୮ ମସିହାରୁ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ରିପୋର୍ଟରୁ ଜଣାପଡ଼ିଛି। ଏତେ ଦୀର୍ଘ ସମୟ ଧରି ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ନ ହେବା ଆମ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଗମ୍ଭୀର ଆତ୍ମସମୀକ୍ଷାର ବିଷୟ। ପ୍ରତିଥର ନିର୍ବାଚନ ଆସିଲେ କୋଟିଆ ଚର୍ଚ୍ଚାର କେନ୍ଦ୍ରକୁ ଆସେ, ଦୁଇ ରାଜ୍ୟର ଅଧିକାରୀଙ୍କ ଗତିବିଧି ବଢ଼େ, ରାଜନୈତିକ ନେତାଙ୍କ ଗସ୍ତ ଆରମ୍ଭ ହୁଏ ଏବଂ ସୀମାନ୍ତରେ ଉତ୍ତେଜନା ବଢ଼ିଯାଏ। କିନ୍ତୁ ନିର୍ବାଚନ ସରିଗଲେ ଏହି ଅଞ୍ଚଳର ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ପୁଣି ଆଲୋଚନାର ଆଢୁଆଳକୁ ଚାଲିଯାଏ। ଏହା ହିଁ ସବୁଠାରୁ ବଡ଼ ଦୁର୍ଭାଗ୍ୟ। ଏବେ ଆନ୍ଧ୍ରପ୍ରଦେଶ ନଭେମ୍ବର ୫ ତାରିଖରେ ମଣ୍ଡଳ ପରିଷଦ ଓ ଜିଲ୍ଲା ପରିଷଦ ନିର୍ବାଚନ କରିବାକୁ ସମୟ ନିର୍ଦ୍ଧାରଣ କରିଛି। ପୂର୍ବରୁ ନଭେମ୍ବର ୩ ତାରିଖରେ ମତଦାନ ହେବାକୁ ଥିବାବେଳେ ନିର୍ବାଚନୀ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇ ନଭେମ୍ବର ୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୭ ତାରିଖରେ ଭୋଟ୍ ଗଣତି ହେବାର କାର୍ଯ୍ୟସୂଚୀ ରହିଛି।

ଏହି ନିର୍ବାଚନୀ ପଦକ୍ଷେପକୁ ଓଡ଼ିଶା ପକ୍ଷରୁ ଦୃଢ଼ ଆପତ୍ତି କରାଯାଇଛି। ରାଜ୍ୟ ସରକାର ଆଇନଗତ ପଦକ୍ଷେପ ନେଇଥିବା ସହ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରିଛନ୍ତି। ନେରିଡିବାଲସା, ହରମାଡିଙ୍ଗି ଛକ ଓ ତୋଲୋ ସେମ୍ଭି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ଏହା ସହିତ ତିନୋଟି ପ୍ରମୁଖ ସ୍ଥାନରେ ପୁଲିସ ଯାଞ୍ଚ କେନ୍ଦ୍ର ସ୍ଥାପନ କରାଯାଇଛି।

ଅକ୍ଟୋବର ୨୯ ତାରିଖରେ ଜିଲ୍ଲା ପ୍ରଶାସନ ଡାକିଥିବା ସର୍ବଦଳୀୟ ବୈଠକରେ ବିଜେପି, ବିଜେଡି ଓ କଂଗ୍ରେସର ପ୍ରତିନିଧିମାନେ କୋଟିଆର ସ୍ୱାର୍ଥ ରକ୍ଷା ପାଇଁ ଏକାଠି ହେବାର ସଂକଳ୍ପ ନେଇଥିବା ଖବର ଗୁରୁତ୍ୱପୂର୍ଣ୍ଣ।

ଏଠାରେ ରାଜ୍ୟ ସରକାରଙ୍କ ଦାୟିତ୍ୱ କେବଳ ପୁଲିସ ମୁତୟନ କରିବାରେ ସୀମିତ ରହିବା ଉଚିତ ନୁହେଁ। ଆଇନଗତ ଭାବରେ ଓଡ଼ିଶାର ପକ୍ଷକୁ ଦୃଢ଼ କରିବା, ନ୍ୟାୟାଳୟରେ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିବା, ସୀମାନ୍ତ ଗ୍ରାମଗୁଡ଼ିକରେ ପ୍ରଶାସନିକ ଉପସ୍ଥିତି ବଢ଼ାଇବା ଏବଂ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଜିତିବା ହେଉଛି ପ୍ରକୃତ ଆହ୍ୱାନ। କେବଳ ନିର୍ବାଚନ ସମୟରେ ଅଧିକାରୀଙ୍କ ଗସ୍ତ କିମ୍ବା ପୁଲିସର ପହରା ଦେଖାଇଲେ ହେବ ନାହିଁ। କୋଟିଆର ଲୋକଙ୍କୁ ନିୟମିତ ଭାବରେ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍, ଯୋଗାଯୋଗ, କୃଷି ସହାୟତା ଓ ଜୀବିକାର ସୁଯୋଗ ଯୋଗାଇବାକୁ ହେବ। ଏହି ଅଞ୍ଚଳର ଲୋକମାନେ ଦୁଇ ରାଜ୍ୟର ପ୍ରଶାସନିକ ଦାବି ମଧ୍ୟରେ ନିଜର ଦୈନନ୍ଦିନ ଜୀବନକୁ ଅନିଶ୍ଚିତତାରେ ବିତାଇବା ଉଚିତ ନୁହେଁ। ସେମାନଙ୍କ ପାଇଁ ରାଜ୍ୟର ପରିଚୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜ ପିଲାଙ୍କ ଶିକ୍ଷା, ରୋଗୀଙ୍କ ଚିକିତ୍ସା, ଚାଷୀଙ୍କ ଉତ୍ପାଦର ଉଚିତ ମୂଲ୍ୟ ଓ ପରିବାରର ଆର୍ଥିକ ସୁରକ୍ଷା। ତେଣୁ ଓଡ଼ିଶା ସରକାରଙ୍କୁ କୋଟିଆ ପାଇଁ ଏକ ସ୍ୱତନ୍ତ୍ର ଦୀର୍ଘକାଳୀନ ବିକାଶ ଯୋଜନା ଗ୍ରହଣ କରିବା ଆବଶ୍ୟକ। ପ୍ରତ୍ୟେକ ଗ୍ରାମର ସମସ୍ୟା ଚିହ୍ନଟ କରି ଗ୍ରାମଭିତ୍ତିକ କାର୍ଯ୍ୟଯୋଜନା ପ୍ରସ୍ତୁତ ହେଉ। ଯେଉଁ ଗ୍ରାମରେ ବିଦ୍ୟାଳୟ ନାହିଁ, ସେଠାରେ ଶିକ୍ଷାର ବ୍ୟବସ୍ଥା ହେଉ; ଯେଉଁଠାରେ ରାସ୍ତା ନାହିଁ, ସେଠାରେ ସଂଯୋଗ ବ୍ୟବସ୍ଥା ହେଉ; ଯେଉଁଠାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ, ସେଠାରେ ନିୟମିତ ଚିକିତ୍ସା ଶିବିର ଓ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହେଉ। ଆଦିବାସୀଙ୍କ ଜମି, ଜଙ୍ଗଲ, ଜଳ ଓ ସଂସ୍କୃତିର ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱ ପାଉ। ଅନ୍ୟ ରାଜ୍ୟର କୌଣସି ଅଧିକାରୀ ଯଦି ଏହି ଅଞ୍ଚଳରେ ନିଜର ପ୍ରଶାସନିକ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରନ୍ତି, ତେବେ ତାହାର ମୁକାବିଲା ଆଇନ ଓ ସମ୍ବିଧାନର ସୀମା ମଧ୍ୟରେ ହେବା ଦରକାର। ପୁଲିସ ବାହିନୀର ମଧ୍ୟରେ ସଂଘର୍ଷ କିମ୍ବା ଉତ୍ତେଜନା ବଢ଼ିଲେ ତାହାର ସର୍ବାଧିକ କୁପ୍ରଭାବ ସାଧାରଣ ଗ୍ରାମବାସୀଙ୍କ ଉପରେ ପଡ଼ିବ।

ତେଣୁ ଦୁଇ ରାଜ୍ୟର ପୁଲିସ ଓ ପ୍ରଶାସନ ମଧ୍ୟରେ ସ୍ୱଚ୍ଛ ସମନ୍ୱୟ, ଯୋଗାଯୋଗ ଓ ଶାନ୍ତି ରକ୍ଷାର ବ୍ୟବସ୍ଥା ରହିବା ଆବଶ୍ୟକ। କୋଟିଆର ଲୋକଙ୍କୁ ଭୟଭୀତ କରିବା, ଚାପ ପ୍ରୟୋଗ କରିବା କିମ୍ବା ସେମାନଙ୍କ ମତଦାନ ଅଧିକାରକୁ ନେଇ ଅନିଶ୍ଚିତତା ସୃଷ୍ଟି କରିବା କୌଣସି ପକ୍ଷ ପାଇଁ ଉଚିତ ନୁହେଁ। ଏହି ଅଞ୍ଚଳର ସାଧାରଣ ଲୋକଙ୍କୁ ରାଜନୈତିକ ଲଢ଼େଇର ଉପକରଣ କରାଯିବା ଉଚିତ ନୁହେଁ। ଗଣତନ୍ତ୍ରରେ ଲୋକଙ୍କ ମତାମତ ଓ ମର୍ଯ୍ୟାଦା ସର୍ବୋଚ୍ଚ। ଏହି ପ୍ରସଙ୍ଗରେ ଆଉ ଏକ ଗମ୍ଭୀର ଦିଗ ହେଉଛି ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ। ଓଡ଼ିଶାରେ ଶାସକ ଓ ବିରୋଧୀ ଦଳମାନେ କୋଟିଆ ପ୍ରସଙ୍ଗରେ ଏକାଠି ହୋଇଥିବା ଏକ ସକାରାତ୍ମକ ସଙ୍କେତ। କିନ୍ତୁ ଏହି ଏକତା କେବଳ ବୈଠକ କିମ୍ବା ଗଣମାଧ୍ୟମର ବକ୍ତବ୍ୟରେ ସୀମିତ ରହିବା ଉଚିତ ନୁହେଁ। ଏହା ଏକ ସ୍ଥାୟୀ ସର୍ବଦଳୀୟ ନୀତିରେ ପରିଣତ ହେବା ଦରକାର। ରାଜ୍ୟର ସୀମା ଓ ଜନସ୍ୱାର୍ଥ ଭଳି ପ୍ରସଙ୍ଗରେ ଦଳୀୟ ରାଜନୀତିକୁ ପଛରେ ରଖିବା ହେଉଛି ପରିପକ୍ୱ ଗଣତନ୍ତ୍ରର ପରିଚୟ। ରାଜନୈତିକ ଦଳମାନେ ପରସ୍ପରକୁ ଦୋଷାରୋପ କରିବା ପରିବର୍ତ୍ତେ କୋଟିଆର ବିକାଶ ଓ ଆଇନଗତ ସମାଧାନ ପାଇଁ ଏକ ସାଧାରଣ କାର୍ଯ୍ୟଯୋଜନା ଗ୍ରହଣ କରନ୍ତୁ। ସେହିପରି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ମଧ୍ୟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସଂଯମ ଓ ଆଇନଗତ ପ୍ରକ୍ରିୟା ପ୍ରତି ସମ୍ମାନ ଦେଖାଇବା ଆବଶ୍ୟକ। ନ୍ୟାୟାଳୟରେ ବିଚାରାଧୀନ ଥିବା ବିବାଦକୁ ନିର୍ବାଚନୀ କାର୍ଯ୍ୟକଳାପ ମାଧ୍ୟମରେ ଆହୁରି ଜଟିଳ କରିବା କୌଣସି ରାଜ୍ୟର ଦୀର୍ଘକାଳୀନ ସ୍ୱାର୍ଥରେ ନୁହେଁ। ଆଲୋଚନା, ଆଇନ ଓ ପରସ୍ପର ସମ୍ମାନ ହିଁ ଏହାର ସମାଧାନର ମାର୍ଗ।

ତେଣୁ କୋଟିଆକୁ ନେଇ ଓଡ଼ିଶାର ନୀତିର ମୂଳରେ ରହିବା ଦରକାର ଲୋକଙ୍କ କଲ୍ୟାଣ। ନଭେମ୍ବର ୫ ତାରିଖର ନିର୍ବାଚନ ଏକ ଦିନର ଘଟଣା ହୋଇପାରେ, କିନ୍ତୁ କୋଟିଆର ଭବିଷ୍ୟତ ଏକ ଦିନରେ ନିର୍ଦ୍ଧାରିତ ହେବ ନାହିଁ। ଏହା ପାଇଁ ଆବଶ୍ୟକ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ଆଇନଗତ ସ୍ପଷ୍ଟତା, ପ୍ରଶାସନିକ ସଚେତନତା ଓ ନିରନ୍ତର ବିକାଶ। ଆଜି ଓଡ଼ିଶାର ସାମ୍ନାରେ ଆହ୍ୱାନ ହେଉଛି—କୋଟିଆକୁ କେବଳ ନିର୍ବାଚନୀ ବିବାଦର ଶୀର୍ଷକ ଭାବରେ ନୁହେଁ, ରାଜ୍ୟର ମର୍ଯ୍ୟାଦା ଓ ଲୋକଙ୍କ ଭବିଷ୍ୟତର ଦାୟିତ୍ୱ ଭାବରେ ଦେଖିବା। ଆମର ସ୍ପଷ୍ଟ ମତ, କୋଟିଆରେ ଶାନ୍ତି ରହୁ, ଲୋକଙ୍କ ଅଧିକାର ସୁରକ୍ଷିତ ରହୁ, ଆଇନର ମର୍ଯ୍ୟାଦା ଅକ୍ଷୁଣ୍ଣ ରହୁ ଏବଂ ଓଡ଼ିଶାର ଦାବି ନ୍ୟାୟିକ ଓ ସାମ୍ବିଧାନିକ ପଥରେ ଦୃଢ଼ ଭାବରେ ଉପସ୍ଥାପିତ ହେଉ। ନଭେମ୍ବର ୫ ତାରିଖରେ କୌଣସି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଉଭୟ ରାଜ୍ୟର ପ୍ରଶାସନ ସଂଯମ, ସମନ୍ୱୟ ଓ ଦାୟିତ୍ୱବୋଧର ପରିଚୟ ଦେଉ। ପୁଲିସର ମୁହାଁମୁହିଁ ପରିସ୍ଥିତି ନୁହେଁ, ଆଇନର ବିଜୟ ହେଉ; ରାଜନୈତିକ ଉତ୍ତେଜନା ନୁହେଁ, ଲୋକଙ୍କ ବିଶ୍ୱାସର ବିଜୟ ହେଉ। କୋଟିଆର ପାହାଡ଼, ଜଙ୍ଗଲ ଓ ମାଟି ଯେପରି ଶାନ୍ତିର ସାକ୍ଷୀ ହୋଇ ରହିଛି, ସେହି ଶାନ୍ତିକୁ ରାଜନୈତିକ ଅହଂକାରର ବଳି ଦିଆଯିବା ଉଚିତ ନୁହେଁ। କୋଟିଆର ମାଟିକୁ ରାଜନୈତିକ ଲଢ଼େଇର ରଣକ୍ଷେତ୍ର ନୁହେଁ, ବିକାଶ, ଶାନ୍ତି ଓ ଓଡ଼ିଆ ଅସ୍ମିତାର ସମ୍ମାନଜନକ ପରିଚୟ କରିବା ହିଁ ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

## ସୀମାନ୍ତ ମୋଟୁ ଅଞ୍ଚଳରେ ବାଘ ଭୟ

ମାଲକାନଗିରି ,୩।୧୧ (ନିପ୍ର); ମାଲକାନଗିରି ଜିଲ୍ଲା ମୋଟୁ ରେଞ୍ଜ ଅଧୀନରେ ବନ୍ୟପ୍ରାଣୀ ମାନଙ୍କର ଗତିବିଧି ଉପରେ ଲକ୍ଷ୍ୟ ରଖିବା ଓ ସେମାନଙ୍କ ର ସୁରକ୍ଷା ପାଇଁ ଜଙ୍ଗଲ ରେ ଲଗାଯାଇଥିବା ରେଡିଓ କଲରଡ୍ ଏକ ବାଘର ବୁଲୁଥିବାର ଦୃଶ୍ୟ କଏଦ ହୋଇଛି। ଆନ୍ଧ୍ରପ୍ରଦେଶର ପାପିକୋଣ୍ଡାଲୁ ଅଞ୍ଚଳରୁ ଏହି ୪ ବର୍ଷ ବୟସ ର ବାଘ ଟି ଆସି ମାଲକାନଗିରି ବନ ବିଭାଗ ଅଧୀନରେ ମୋଟୁ ରେଞ୍ଜର ମଧ୍ୟରେ ବୁଲାବୁଲି କରୁଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ମାନଦଣ୍ଡରେ ଧାର୍ଯ୍ୟ ପ୍ରୋଟୋକଲ୍ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ବନ୍ୟ ମାଂସାଶୀ ପ୍ରାଣୀଙ୍କୁ ଟ୍ରାକିଂ ଏବଂ ତଦାରଖ ପାଇଁ କାର୍ଯ୍ୟପଦ୍ଧତି ଅନୁଯାୟୀ ମାଲକାନଗିରି ବନ ବିଭାଗ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ସୁରକ୍ଷା ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟି ରୁ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଆରମ୍ଭ କରାଯାଇଛି। ବାଘର ଗତିବିଧିକୁ ଲକ୍ଷ୍ୟ ରଖିବା ପାଇଁ ଦ୍ରୁତ ପ୍ରତିକ୍ରିୟା ଦଳ ଏବଂ ବନ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି, ଏବଂ ଯେକୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ବନ ବିଭାଗ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ, ବନ କର୍ମଚାରୀଙ୍କ ଦ୍ୱାରା ଜାରି ପରାମର୍ଶକୁ ପାଳନ କରିବାକୁ ଏବଂ ଆଗକୁ ଯେକୌଣସି ଦେଖାଯିବା, ନୂତନ ପଗ୍ ମାର୍କ କିମ୍ବା ଅସ୍ୱାଭାବିକ ଗତିବିଧି ଦେଖାଗଲେ ତୁରନ୍ତ ନିକଟତମ ବନ ବିଭାଗ କର୍ମଚାରୀଙ୍କୁ ଅବଗତ କରିବାକୁ ମାଲକାନଗିରି ଉରଙ୍ଗ ସାଇ କିରଣ ସୂଚନା ଦେଇଛନ୍ତି।

## 'ସଶକ୍ତ ନାରୀହିଁ ଦେଶ ବିକାଶର ବିନ୍ଧାଣି'

ପୁରୀ,୩।୧୧ (ନିପ୍ର); ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ 'ନାରୀ ସୁରକ୍ଷକ୍ଷ ଓ ନାରୀ ଆତ୍ମରକ୍ଷକ୍ଷ 'ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଂଯୋଜିକା ତଥା ଅଧକ୍ଷ ମୀରାରାଣୀ ଖଣ୍ଡୁଆଳ ସଭାପତିତ୍ୱ କରି ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କ ରେ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ମାନେ ଜାତୀୟ ସଂଗୀତ ଗାନ କରିବା ସହ ଜଗନ୍ନାଥ ଅଷ୍ଟକମ ଜ୍ଞାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡର ଅଧକ୍ଷ ପ୍ରାଧାପକ ଡ. ହରପ୍ରିୟା ଦାଶ ଯୋଗଦେଇ ଶକ୍ତି ସ୍ୱରୂପିଣୀ ଛାତ୍ରୀମାନଙ୍କର ତଥା ନାରୀ ଶକ୍ତିର ଜୟ ଗାନ କରି ନାରୀ ମାନଙ୍କର ସାମାଜିକ ସୁରକ୍ଷକ୍ଷ ରାଷ୍ଟ୍ର ପାଇଁ ସୁରକ୍ଷକ୍ଷ କବଚ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ରୁପେ ସ୍ନାତକ ମହାବିଦ୍ୟାଳୟର ପ୍ରାଧାପକ ଡ଼. ବଳରାମ ଦାଶ ଯୋଗ ଦେଇ ନାରୀ ମାନେ ସୁରକ୍ଷିତ ରହିବା ପାଇଁ ଯୁବସମାଜ ଯୁବ ସମାଜ ଜାଗ୍ରତ ରହିବା ଆବଶ୍ୟକ । ନାରୀମାନେ ଶୃଙ୍ଖଳିତ ଓ ସଂସ୍କାରିତ ସହ ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହେଲେ ଦେଶର ବିକାଶ ହୋଇ ପାରିବ ବୋଲି ଆଲୋକପକ୍ଷତ କରିଥିଲେ । ସମ୍ମାନିତ ଅତିଥି ରୂପେ ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ବ୍ୟାକରଣ ଅଧ୍ୟାପକ ଡ଼. ସୁସ୍ମନ୍ତ କୁମାର ଦ୍ୱିବେଦୀ ଓ ବାଳିକା ଆତ୍ମା ସୁରକ୍ଷା ରକ୍ଷକ ଶିବିର ର ସଂଯୋଜିକା ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ସମାଜରେ ନାରୀ ସୁରକ୍ଷକ୍ଷଓ ଆତ୍ମରକ୍ଷକ୍ଷର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି ୨୭୬ ଅଭିଯୋଗ

ଭଦ୍ରକ,୩।୧୧(ନିପ୍ର); ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୭୬ଟି ଅଭିଯୋଗପତ୍ର ଗ୍ରହଣକରାଯାଇଥିଲା। ସେଥି ମଧ୍ୟରୁ ୨୫୨ଟିବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା। ୨୬ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ରାଶି ବାବଦରେ ୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୮ ଜଣଙ୍କୁ ଟ୍ରାଇସାଇକେଲ ଓ ୪ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ସୌରଭ କୁମାର ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ
## ଜିଲାସ୍ତରକୁ ମନୋନୀତ ହେଲେ ୨୮ କୃତୀ ଛାତ୍ରଛାତ୍ରୀ

ଖଣ୍ଡପଡ଼ା,୩।୧୧ (ନିପ୍ର): ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଗ୍ରାମସ୍ଥିତ ଲିଙ୍ଗରାଜ ନୋଡାଲ ୟୁପିଏମଇ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋସବ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ,କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁ, ଖଳିସାହି ସରପଞ୍ଚ ଫକୀର ମୋହନ ଦାସ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବାଲୁରୀ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଚରଣ ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମହୋସବ ସୁରଭି ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଲୁକ୍କାୟିତ ପ୍ରତିଭାର ବିକାଶ ଏହି ଉତ୍ସବର ଲକ୍ଷ୍ୟ ହେଉ ବୋଲି ମତ ଦେଇଥିଲେ।

## ଶରତ ଚନ୍ଦ୍ର ସାମନ୍ତରାୟ ଥିଲେ ଜଣେ ପରୋପକାରୀ ମଣିଷ

ନିରାକାରପୁର୩/୧୧ : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପଦ୍ମପୁର ସ୍ଥିତ ସ୍କୁଲ ପଡ଼ିଆରେ ଜଣେ ପରୋପକାରୀ ମଣିଷ ତଥା ସମାଜସେବୀ ସ୍ୱର୍ଗତ ଶରତ ଚନ୍ଦ୍ର ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଭାବପୂର୍ଣ୍ଣ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।ଅପର୍ତି ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଅତିଥିମାନେ ସ୍ୱର୍ଗତ ଶରତ ସାମନ୍ତରାୟଙ୍କ ସମାଜସେବା, ମାନବିକତା ଏବଂ ପରୋପକାରୀ ଗୁଣଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱଦେଶ କୁମାର ରାଉତରାୟ, ଭାଗିରଥୀ ପ୍ରଧାନ, ଯୁବନେତା ସୁକାନ୍ତ କୁମାର ବେହେରା, ସହଯୋଗ ପରିବାର ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ, ପବିତ୍ର କୁମାର ପାଇକରାୟ, ପ୍ରଶାନ୍ତ କୁମାର ପାଟ୍ଟଶାଣୀ, ଶଶି ଶେଖର ମାନ୍ଧାତା ଏବଂ ପ୍ରଭାତ କୁମାର ସାମନ୍ତରାୟ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ।

## ଭୋଟର ଯାଞ୍ଚ ଓ ସର୍ଭେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା
# ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ

ଝାରସୁଗୁଡ଼ା, ୩।୧୧ (ନିପ୍ର): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ ତଥା ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ସୁଧାକର ନାୟକ ଏହି ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ କ୍ଷେତ୍ରସ୍ତରରେ ଚାଲିଥିବା ଘରକୁ ଘର ବୁଲି ଭୋଟର ଯାଞ୍ଚ ଓ ସର୍ଭେ କାର୍ଯ୍ୟର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଓ ଡେପୁଟି କଲେକ୍ଟର ବିଜୟ ନାୟକ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର




ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବେଲପାହାଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ଏବଂ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ନିଶି ଶିକାନ୍ତ ଟେଟେ ଉପସ୍ଥିତ ଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ସର୍ଭେ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ ଭୋଟରଙ୍କ ନାମ ନିଜ ନିର୍ଦ୍ଦିଷ୍ଟ ୱାର୍ଡରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ରହିବା। ଏଥିସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଗୋଟିଏ ୱାର୍ଡର ଭୋଟର ତାଲିକାରେ ରହିବା ନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ନାୟକ ଭୋଟର ତାଲିକାର ଶୁଦ୍ଧତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଥିଲେ। ସର୍ଭେ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ପ୍ରତ୍ୟେକ ପରିବାର ନିକଟକୁ ଯାଇ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଯୋଡ଼ିବା, ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ସହ ତଥ୍ୟ ସଂଶୋଧନ କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବା ଆବଶ୍ୟକ ବୋଲି ସେ କହିଥିଲେ। କୌଣସି ଯୋଗ୍ୟ ଭୋଟର ଯେପରି ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମ, ସମସ୍ତ ବ୍ଲକର ଅତିରିକ୍ତ ବିଡିଓ ଏବଂ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ମରଣଯନ୍ତା ପାଲଟି ଅଛି ଭୀମବଜାର-ସରସ୍ୱତୀପୁର ଆରଡି ରାସ୍ତା

ପିପିଲି, ୨/୧୧(ନିପ୍ର);ପିପିଲି ଅଞ୍ଚଳରେ ଥିବା ରାସ୍ତା ଗୁଡିକ ଏବେ ବେହାଲ ହୋଇ ପଡିଅଛି । ଯାହାଦ୍ୱାରା ଜନସାଧାରଣ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ ଏହାର ଫାଇଦା ନେଉଛନ୍ତି ବିଭାଗର କିଛି ସରକାରୀବାବୁ ମାନେ । ରାସ୍ତା ଖାଲ ଖମାରେ ପରି ପୂର୍ଣ୍ଣ ରହିଅଛି । ମରାମତି ଆଳ ଦେଖାଇ ମରାମତି ନାମରେ କାଗଜ ପତ୍ରରେ ଲକ୍ଷାଧିକ ଟଙ୍କା ବିଲ ହେଉଥିବା ଅଭିଯୋଗ ହୋଇଅଛି । ଏଭଳି କଳା କାରନାମା ଅଭିଯୋଗ ଆସି ଅଛି ସାତଶଙ୍ଖ-ବଳଙ୍ଗା ପୂର୍ତ୍ତ ସଡକ ମଧ୍ୟମ ଟି୫ ଭୀମବଜାର ଛକ ଠାରୁ ସରସ୍ୱତୀପୁର ଦର୍ଘ୍ୟ -୨.୦୬୯ ପର୍ଯ୍ୟନ୍ତ । ଉକ୍ତ ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲି କରାଯାଇ ପୂର୍ବ ସରକାରରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଯାହାକି ଏହି ରାସ୍ତା ଉପରେ ସରସ୍ୱତୀପୁର, ରଥପୁରୁଷୋତ୍ତମପୁର, ନୂଆହଟ, ଦକ୍ଷିଣସାହିଚକ, ତରଜଙ୍ଗ, ଅନିପୁର, ଛଣଘର, ପ୍ରଧାନ ସାହ, ନୂଆପଡା, ସୁବଳୟାପାଟଣା, ବରଦା ମାଳ ,ସାନଗାଁ ,ଏବଂ ନୂଆପଡା ଭଳି ଅନେକ ଗ୍ରାମର ଗ୍ରମବାସୀ ମାନେ ନିର୍ଭର କରୁଛନ୍ତି । ରାସ୍ତା ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ଉଭୟ ରାସ୍ତା ପାର୍ଶ୍ୱରେ ଜଙ୍ଗଲି ଲଟା ମାଡି ଆସିବା



ଦୃଶ୍ୟ ଦେଖିବାକୁ ମିଳି ଥିବା ବେଳେ ଅନେକ ସ୍ଥାନରେ ଖାଲଖମାରେ ପରି ପୂର୍ଣ୍ଣ ହୋଇ ମାଝି ରାସ୍ତାରେ ବିରାଟ କାୟ ଗର୍ତ୍ତ ହୋଇଛି ।ଉଭୟ ପାର୍ଶ୍ୱରେ ଜଙ୍ଗଲୀ ଗଛ ମାଡି ରହିବା ଦ୍ୱାରା ବିଭିନ୍ନ ପ୍ରକାର ଗୋଖର ସର୍ପଙ୍କ ଚରାଭୂଇଁ ପାଲଟିଛି । ଏହାଦ୍ୱାରା ଜନସାଧାରଣ ,ଛାତ୍ରଛାତ୍ରୀ ,ବୟସ୍କ ବୃଦ୍ଧା ମାନେ ଯନ୍ତ୍ରଣା ଭୋଗୁ ଅଛନ୍ତି । ଏନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ସମସ୍ୟା ସମ୍ପର୍କରେ ପିପିଲି ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରି ଆସୁଥିବା ବେଳେ କେହି ସମସ୍ୟା ପ୍ରତି ଧ୍ୟାନ ଦେଉ ନଥିବା ପଞ୍ଚାୟତର ପୂର୍ବତନ ସରପଞ୍ଚ ମାନେ ଅଭିଯୋଗ ଆଣିଛନ୍ତି । ତେଣୁ ଏଦିଗରେ ବିଭାଗର ମୁଖ୍ୟ ଯନ୍ତି ନଜର ଦେବାକୁ ଦାବି ହୋଇଅଛି । ଏନେଇ ଏହି ପ୍ରତିନିଧି ପିପିଲି ଗ୍ରାମ ଉନ୍ନୟନ ବିଭାଗ ପୁରୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ଲୋଡି ଥିବା ବେଳେ ସେ ଗଣମାଧ୍ୟମ ପ୍ରତିନିଧି ଜାଣି କୌଣସି ଉତ୍ତର ଦେଇ ନଥିଲେ ।

## ୟୁଜିସିର ଉଚ୍ଚଶିକ୍ଷା ସମାନତା ନିୟମାବଳୀ-୨୦୨୬କୁ ରଦ୍ଦ ଦାବିରେ ଶୋଭାଯାତ୍ରା

ପାରଳାଖେମୁଣ୍ଡି,୩।୧୧ (ନିପ୍ର): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ପ୍ରଣୀତ ଉଚ୍ଚଶିକ୍ଷା ଅନୁଷ୍ଠାନ (ସମାନତାର ପ୍ରୋତ୍ସାହନ) ନିୟମାବଳୀ-୨୦୨୬କୁ ରଦ୍ଦ କିମ୍ବା ବ୍ୟାପକ ସଂଶୋଧନ କରିବା ଦାବିରେ ଗଜପତି ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ଏହି ଦାବିପତ୍ର ହସ୍ତାନ୍ତର କରାଯାଇଥିଲା। ଆବେଦନ ପତ୍ରରେ ୟୁଜିସି ଦ୍ୱାରା ପ୍ରଣୀତ ନିୟମାବଳୀରେ ଜାତିଭିତ୍ତିକ ଭେଦଭାବର ପରିଭାଷାକୁ କେବଳ ଏସସି, ଏସଟି ଏବଂ ଓବିସି ବର୍ଗରେ ସୀମିତ ରଖାଯାଇଥିବାରୁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କୁ ସମାନ ସୁରକ୍ଷା ଆଇନରୁ ବଞ୍ଚିତ ହେବାର ଆଶଙ୍କା ରହିବା ସହ ବହୁଳ ପରିମାଣରେ ଏହାର ଅପବ୍ୟବହାର ହେବାୟ ସମ୍ଭାବନା ରହିଛି। ଏଥି ସହ ମିଥ୍ୟା ଅଭିଯୋଗ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା ହଟାଇବା, ତଦନ୍ତ ପ୍ରକ୍ରିୟାରେ ପ୍ରାକୃତିକ ନ୍ୟାୟର ଅଭାବ, ନିୟମାବଳୀର କେତେକ ଶବ୍ଦର ଅସ୍ପଷ୍ଟତା, ରାଗିଂ ନିୟନ୍ତ୍ରଣରେ ତ୍ରୁଟି ଏବଂ ଇକ୍ୱିଟି ସ୍କ୍ୱାଡ୍ ଭଳି ବ୍ୟବସ୍ଥା ଦ୍ୱାରା ଶିକ୍ଷାନୁଷ୍ଠାନରେ ସାମାଜିକ ବିଭାଜନ ସୃଷ୍ଟି ହେବାର ଆଶଙ୍କା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ନିବେଦନକାରୀମାନେ ଏହି ନିୟମାବଳୀକୁ ତୁରନ୍ତ ସ୍ଥଗିତ ରଖିବା ସହ ରଦ୍ଦ କିମ୍ବା



ସଂଶୋଧନ କରିବା, ଜାତି ଓ ବର୍ଗ ନିର୍ବିଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ଆଇନଗତ ସୁରକ୍ଷା ଦେବା, ମିଥ୍ୟା ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ ବିରୋଧରେ ବ୍ୟବସ୍ଥା ପୁନଃ ଲାଗୁ କରିବା ଏବଂ ଆଇନ ବିଶେଷଜ୍ଞ ଓ ଶିକ୍ଷାବିତ୍‌ଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଦାବି କରିଛନ୍ତି। ଶିକ୍ଷାନୁଷ୍ଠାନରେ ପ୍ରକୃତ ସମାନତା, ସାମାଜିକ ସୌହାର୍ଦ୍ଦ୍ୟ ଓ ଭେଦଭାବମୁକ୍ତ ପରିବେଶ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କୁ ସମାନ ସୁରକ୍ଷା ପ୍ରଦାନ କରିବାକୁ ନିବେଦନ ପତ୍ରରେ ଅନୁରୋଧ କରାଯାଇଛି। ଏହି ଶୋଭାଯାତ୍ରା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ବେଳେ ସମନ୍ୱୟ କମିଟିର କାର୍ଯ୍ୟକାରୀ ସଭାପତି ତ୍ରିପତି ପାତ୍ର, ସମ୍ପାଦକ ମନୋଜ କୁମାର ଦାଶ, ସଭାପତି ହରି ମୋହନ ପଟ୍ଟନାୟକ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ସିଦ୍ଧେଶ୍ୱର ମିଶ୍ର, ଲୋକନାଥ ମିଶ୍ର, ସୁରେନ୍ଦ୍ରନାଥ ରଥ ପ୍ରମୁଖଙ୍କ ସମେତ ବ୍ରାହ୍ମଣ ସମାଜ ଏବଂ କରଣ ସମାଜର ବହୁ ସଦସ୍ୟ ଯୋଗ ଦେଇଥିଲେ।

## ସୁବର୍ଣ୍ଣପୁର 'ସୁରଭି-୨୦୨୬'ରେ ମହାଲଜ୍ଜା
# ମଞ୍ଚରେ ଉପଭୋଗ କରୁଛନ୍ତି ଶିକ୍ଷା ଅଧିକାରୀ,ଖାଦ୍ୟ ବାଢୁଛନ୍ତି କୋମଳମତି ଶିଶୁ !

ସୋନପୁର,୩।୧୧(ନିପ୍ର) ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିବର୍ଷ 'ସୁରଭି' କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ 'ସୁରଭି-୨୦୨୬' ମହୋତ୍ସବରେ ଶିକ୍ଷା ବ୍ୟବସ୍ଥାର ଯେଉଁ ନଗ୍ନ ଓ ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି, ତାହା ସମଗ୍ର ରାଜ୍ୟର ଶିକ୍ଷା ବିଭାଗକୁ ଲଜ୍ଜିତ କରିଛି। ଯେଉଁ କୋମଳମତି ଶିଶୁମାନଙ୍କ ପାଇଁ ଏହି ଉତ୍ସବ, ସେମାନଙ୍କୁ କାର୍ଯ୍ୟକ୍ରମରେ ଖାଦ୍ୟ ପରିବେଷଣ ଭଳି ହୀନ କାମରେ ଲଗାଯାଇଛି। ଆଉ ଯେଉଁମାନେ ଶିକ୍ଷାର ମାନଦଣ୍ଡ ଓ ପିଲାଙ୍କ ସୁରକ୍ଷା କଥା ବୁଝିବା କଥା, ସେହି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ ମାନେ ମଞ୍ଚ ଉପରେ ବସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ଲୁଟୁଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବରେ ପ୍ରଶାସନିକ ବାବୁ ଓ ଶିକ୍ଷକମାନଙ୍କ ଆତିଥ୍ୟ ସେବାରେ ନିୟୋଜିତ କରାଯାଇଥିଲା ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ। ହାତରେ ବହି କଲମ ଧରି ନିଜ କଳା ଓ ଜ୍ଞାନର ପ୍ରଦର୍ଶନ କରିବା ବଦଳରେ, ବାବୁମାନଙ୍କ ଆଗରେ ମୁଣ୍ଡ ନୁଆଁଇ ଖାଦ୍ୟ ବାଢୁଥିଲେ ବିଦ୍ୟାଳୟର ଛାତ୍ରଛାତ୍ରୀ। ମଞ୍ଚରେ ଆସୀନ ଥିବା ତଥାକଥିତ ଉଚ୍ଚପଦସ୍ଥ ଶିକ୍ଷା ଅଧିକାରୀମାନେ ନିଜ ଗର୍ବରେ ସାଧାରଣରେ ପ୍ରଶ୍ନ ଉଠୁଛି, ଯେଉଁ ଅଧିକାରୀମାନେ ନିଜ ପେଟ ପୂରାଇବା ପାଇଁ ଛୋଟ ପିଲାଙ୍କୁ ହୋଟେଲ ବୟ ଭଳି ବ୍ୟବହାର କରୁଛନ୍ତି, ସେମାନେ ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ'ଣ ଗଢ଼ିବେ? ଏହା କ'ଣ ରାଜ୍ୟ ସରକାରଙ୍କ ଶିକ୍ଷା ରୂପାନ୍ତରଣର ଅସଲ ଚିତ୍ର ଏଭଳି ଲଜ୍ଜାଜନକ ଘଟଣା ରାଜ୍ୟର



ଏତେ ମସଗୁଲ ଥିଲେ ଯେ, ଶିଶୁ ଶ୍ରମିକ ଆଇନର ଖୋଲା ଉଲ୍ଲଂଘନ ସେମାନଙ୍କ ଆଖିକୁ ଦିଶିନଥିଲା। ଗୁରୁ-ଶିଷ୍ୟର ପବିତ୍ର ପରମ୍ପରାକୁ ପଦାରେ ପକାଇ, ନିଜ ଛାତ୍ରଛାତ୍ରୀଙ୍କ ହାତରୁ ବେଠି ଖଟିବା ଭଳି ଖାଦ୍ୟ ଖାଇବାକୁ ଏହି ଶିକ୍ଷାବିତ୍‌ମାନେ ଟିକିଏ ବି କୁଣ୍ଠାବୋଧ କଲେ ନାହିଁ। ଏହି ସାଂଘାତିକ ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲାର ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଶିକ୍ଷାମନ୍ତ୍ରୀଙ୍କ ପାଇଁ ମଧ୍ୟ ଏକ ବଡ଼ ଆହ୍ୱାନ। ଯଦି ଏହି ଘଟଣାର ଭିଡିଓ ଓ ଚିତ୍ର ଦେଖିବା ପରେ ବି ଶିକ୍ଷାମନ୍ତ୍ରୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତେବେ ରାଜ୍ୟରେ ଶିଶୁ ଅଧିକାର କେବଳ ପ୍ରହସନ ହୋଇ ରହିଯିବ। ସୁବର୍ଣ୍ଣପୁର ଜିଲ୍ଲାର ଜନସାଧାରଣ ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଆୟୋଜକ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ନିଲମ୍ବିତ କରିବାକୁ ଦୃଢ଼ ଦାବି କରିଛନ୍ତି।

## ରିମୁଳି ସାପ୍ତାହିକ ହାଟରେ ପାଗଳର ଉନ୍ମତ୍ତ କାଣ୍ଡ

ଚମ୍ପୁଆ,୩।୧୧ (ନିପ୍ର); ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ସାପ୍ତାହିକ ହାଟରେ ପାଗଳ ବ୍ୟକ୍ତିର ଉନ୍ମତ୍ତ କାଣ୍ଡ । ପାଗଳର କଟୁରୀ ଚୋଟରେ ତିନି ଆହତ ଏବଂ ଜଣକ ଅବସ୍ଥା ଗୁରୁତର। ଗୁରୁତରକୁ ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି। ଆଜି ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ସାପ୍ତାହିକ ହାଟରେ ଜଣେ ପାଗଳ ବ୍ୟକ୍ତି ହାତରେ ଏକ କଟୁରୀ ଧରି ହାଟ ଭିତରେ ପଶିଆସି ଥିଲା କେହି କିଛି ବୁଝିବା ପୂର୍ବରୁ ସେ କଟୁରୀରେ ଆକ୍ରମଣ କରିବାରୁ ପ୍ରଥମେ ରିମୁଳି ଗ୍ରାମର ଅଜୟ କୁମାର ସାହୁ ଓ ତାଙ୍କ ପୁଅ ସୁଦାମ ଆହତ ହୋଇଥିଲେ ପରେ ସମ୍ପୃକ୍ତ ପାଗଳ ଲୋକଟି ଆଉ ଜଣକୁ ଆକ୍ରମଣ କରିଥିଲା। ପ୍ରଥମେ ତାଙ୍କ ମୁଣ୍ଡକୁ କଟୁରୀରେ ଆକ୍ରମଣ କରିବାରୁ ସେ ତଳେ ପଡିଯିବାରୁ ତାଙ୍କ ବେକ କଟୁରୀରେ ଚୋଟ ପକାଇ ବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଡାକ୍ତର ଖାନା ପଠାଇ ଛନ୍ତି। ତେବେ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତର ଖାନା ସ୍ଥାନାନ୍ତର କରାଯାଇଛି ଖବର ପାଇ ପୋଲିସ ଚମ୍ପୁଆ ଡାକ୍ତର ଖାନା ରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏହି କାଣ୍ଡ ଭାଗିରଥି ନାଏକଙ୍କ ପୁଅ ଶ୍ରୀଧର ନାଏକ ଭିଆଇ ଥିବା ଜଣାପଡିଛି। ଚମ୍ପୁଆ ପୋଲିସ ଅସମୀକୁ ଧରିବାକୁ ପ୍ରୟାସ ଜାରିରଖିଥିବା ଜଣାପଡିଛି। ଏହି ଘଟଣା ପରେ ରିମୁଳି ଗ୍ରାମରେ ଚାପା ଉତ୍ତେଜନା ଦେଖା ଦେଇଛି।

## ଆଠବର୍ଷ ହେଲା କଚ୍ଛପ ଗତିରେ ଚାଲିଛି ହାଇଟେକ ସର୍ଭେ

ତରଭା,୩।୧୧ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ତରଭା ତହସିଲ ଅଞ୍ଚଳରେ ହାଇଟେକ ସର୍ଭେ କାମ ମନ୍ଥର ଗତିରେ ଚାଲୁଥିବା ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ତରଭା ତହସିଲଦାରଙ୍କୁ ଏନେଇ ବୁଝିବା ଏବଂ ତାଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ଅନୁଯାୟୀ ୨୦୧୮ ମସିହାରୁ ତରଭା ତହସିଲ ଅଞ୍ଚଳରେ ହାଇଟେକ ସର୍ଭେ କାମ ଆରମ୍ଭ ହୋଇଥିବା ଜଣାଯାଇଛି। ସେହି ସମୟ ସୀମା ମଧ୍ୟରେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କୌଣସି କାରଣ ବଶତଃ ସର୍ଭେ କାମ ବନ୍ଦ ଥିଲା । ତରଭା ତହସିଲ ଅଞ୍ଚଳରେ ୧୮୩ ଖଣ୍ଡ ଗ୍ରାମ ରହିଛି ସେଥିମଧ୍ୟରୁ ହାଇଟେକ କାମ ୧୨୭ ଟି ଗ୍ରାମରେ ହୋଇଛି ଏବଂ ୫୬ ଟି ଗ୍ରାମରେ ଅଦ୍ୟାବଧି ହାଇଟେକ କାମ ଆରମ୍ଭ ହୋଇ ନାହିଁ। ସର୍ଭେ ହୋଇଥିବା ୧୨୭ ଗୋଟି ଗ୍ରାମ ରୁ ମାତ୍ର ୧୯ ଗୋଟି ଗ୍ରାମରେ ପଟା ବଣ୍ଟନ ସରିଛି ବାକି ୧୦୮ ଗୋଟି ଗ୍ରାମବାସୀ ଅଦ୍ୟାବଧି ପଟା ପାଇପାରି ନାହାନ୍ତି। ପଟା ପାଇଥିବା ଗ୍ରାମ ଗୁଡିକ ହେଲା ଭେଲୁଆପଦର, ବୁଦେଲମୁଣ୍ଡା, ପାନିମୁରା, ବରକାନି, ଗରାମହୁଲ, ଡୁମ୍ପେରପାଲି, ବହିରାମୁହାଣ, ଜାମପାଲି, ଭାଲୁପାଟ ଡୁଙ୍ଗୁରି, ପଣ୍ଡିରାପିଟା, କର୍ଲାମୁହାଣ, ଛେଲିଆଡୁଙ୍ଗୁରି, ଜାମକାନୀ, ପଥରଟେକା, ଜନକପୁର, ପାଇକ ବାହାଲ,ଫଟାମୁଣ୍ଡା,ବାବାଜୀ ମଠ ଡୁଙ୍ଗୁରି ଓ ଗୁହିରାଘାଟ ଗ୍ରାମ ରହିଛି । ବହୁଦିନ ଧରି ହାଇଟେକ ସର୍ଭେ ବିଳମ୍ବ ହେଉଥିବାରୁ ଲୋକେ ସ୍ଥାୟୀ ପଟା ପାଇ ନ ପାରି ବିଭିନ୍ନ କାମ ତାଙ୍କର ଅଟକି ଯାଉଥିବା ଅଭିଯୋଗ କରିଥାନ୍ତି । ଏଣୁ ଅଞ୍ଚଳ ବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


## ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ
## ଅପମାନିତ, ନିନ୍ଦା ପ୍ରସ୍ତାବ ଆଣିଲା ସଂଘ

ବଲାଙ୍ଗିର, ୩/୧୧ (ନିପ୍ର) : ବଲାଙ୍ଗିର ଦିନ୍ ସଭା କାର୍ଯ୍ୟକ୍ରମ କୋଶଳ କଳାମଣ୍ଡଳ ପଡ଼ିଆରେ ପାଳିତ ହୋଇଥିବା ବେଳେ ଏଥିରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ଅପମାନିତ କରାଯାଇଥିବା ଭଳି ସଂଗୀନ ଘଟଣା ସାମ୍ନାକୁ ଆସିଛି। ଏଥିପାଇଁ ସାମ୍ବାଦିକ ଭବନରେ ଏକ ଜରୁରୀକାଳୀନ ସଭାର ଆୟୋଜନ କରି ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିବା ସହ ବଲାଙ୍ଗିର ଦିନ୍ ଆୟୋଜକ କମିଟି ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ସଂଘର ଉପସଭାପତି ଆନନ୍ଦ ଚଂଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାଧାରଣ ସଂପାଦକ ଦୀପକ ପୁରୋହିତ ଘଟଣା ସଂପର୍କରେ ଆଲୋକପାତ କରିଥିଲେ । ବଲାଙ୍ଗିର ଦିନ୍ ଆୟୋଜକ କମିଟି ପକ୍ଷରୁ ସଂଘର ସଭାପତି ହରିନାରାୟଣ ପୂଜାରୀ ଏବଂ ସାଧାରଣ ସମ୍ପାଦକ ଦୀପକ ପୁରୋହିତଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ବଲାଙ୍ଗିର ଦିନ୍ ସଭା କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧିତ କରାଯିବା ପାଇଁ କୁହାଯାଇଥିଲା ଏବଂ ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା । ଅନୁରୋଧ ରକ୍ଷା କରି ସଂଘର ସାଧାରଣ ସଂପାଦକଙ୍କ ସହ ସଦସ୍ୟମାନେ ସଂପୃକ୍ତ ସଭାରେ ଉପସ୍ଥିତ ରହିଥିଲେ ସୁଦ୍ଧା ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ସମ୍ବର୍ଦ୍ଧନା ପାଇଁ ମଞ୍ଚକୁ ଡକାନଯାଇ ଅସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଏହାକୁ ନେଇ ସାମ୍ବାଦିକମାନେ ଅପମାନିତ ଅନୁଭବ କରିବା ସହ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘକୁ ବଲାଙ୍ଗିର ଦିନ୍ ଆୟୋଜକ କମିଟି ପକ୍ଷରୁ ଅପମାନିତ କରାଯାଇଥିବା




ସ୍ପଷ୍ଟ ହୋଇଛି ବୋଲି ସାଧାରଣ ସଂପାଦକ ଶ୍ରୀ ପୁରୋହିତ ସଭାରେ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ନବୀନ ପଶାୟତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶରତ ମହାକୁର, ରଣଜିତ ବେହେରା, ଶରତ ଚନ୍ଦ୍ର ମିଶ୍ର, ଚନ୍ଦ୍ରଭାନୁ ମୋଲାନା, ଘଟେଶ୍ୱର ମିଶ୍ର, ସୁନୀଲ ମହାନ୍ତି, ବିଭୂକଲ୍ୟାଣ ଗଡ଼ତ୍ୟା, ମୁକେଶ ବହିଦାର, ନୂତନ ମିଶ୍ର, ଅଭିଳାଶ ହୋତା, ବଳରାମ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, କିଶୋର କୁମାର ସାହୁ, ସଂଦୀପ କୁମାର କୁଅଁର, ନିରୋଜ ମିଶ୍ର, ସୁଧୀର ମିଶ୍ର, ତରୁଣ କୁମାର ସାହୁ, ସଚ୍ଚିଦାନନ୍ଦ ବଗର୍ତ୍ତୀ, ଯୁଧିଷ୍ଠିର ମେହେର, ଗୁପ୍ତେଶ୍ୱର ପୃଷ୍ଟି, ଶେଷଦେବ ମେର୍ଲି, ସୁଶାନ୍ତ ବାରିକ, ଚିତ୍ର ସେନ ବେହେରା,ମହମ୍ମଦ ୱାହିଦ୍?, ରଶ୍ମିରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ସୁବ୍ରତ ନାଏକ, ଶମ୍ଭୁ ନାଥ ସାହୁ,ଚିତ୍ତରଂଜନ ସାହୁ, ମୁକେଶ ଷାଣ୍ଢ, ଗଣେଷ ସାହୁ, ସୁଜିତ ସେଠ, ଆଶିଷ ବାରିକ, ଦେବେନ୍ଦ୍ର ଲେଙ୍କା,ଦିଲୀପ ସିଂ ପ୍ରମୁଖ ଏହି ସଭାରେ ଯୋଗଦାନ କରି ବଲାଙ୍ଗିର ଦିନ୍ ଆୟୋଜକ କମିଟିର ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲେ ।

## ଦିଲ୍ଲୀରେ ଖୋଲାଖୋଲି ବାଣ ବିକ୍ରୟକୁ ନେଇ ଚିନ୍ତା ପ୍ରକାଶ କଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ,୩।୧୧: ରାଜଧାନୀ ଦିଲ୍ଲୀରେ ସମସ୍ତ ପ୍ରକାରର ବାଣର ଖୋଲା ବିକ୍ରୟକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। କୋର୍ଟ ସରକାରଙ୍କୁ ତୁରନ୍ତ ଏହି ସମସ୍ୟା ପ୍ରତି ଧ୍ୟାନ ଦେବାକୁ ଦାବି କରି ଏହାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଆମେ କେବଳ ଲାଇସେନ୍ସପ୍ରାପ୍ତ ସବୁଜ ବାଣକୁ ଅନୁମୋଦନ କରିଛୁ। ଯାଞ୍ଚ ପାଇଁ ପ୍ୟାକେଜିଂରେ ଏକ କ୍ୟୁଆର କୋଡ୍ ମୁଦ୍ରିତ ହେବା ଆବଶ୍ୟକ। କିନ୍ତୁ ଜଣାପଡ଼ିଛି ବଜାରରେ ସମସ୍ତ ପ୍ରକାରର ବାଣ ଉପଲବ୍ଧ ହେଉଛି। ଜଷ୍ଟିସ୍ ଏମଏମ୍ ସୁନ୍ଦରେଶ ସରକାରଙ୍କ ଆଇନଜୀବୀ ଏଏସଜି ଐଶ୍ୱର୍ଯ୍ୟା ଭାଟିଙ୍କୁ କହିଛନ୍ତି ଯେ, ରିପୋର୍ଟରେ ଏକ ଚିତ୍ର ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି ଯେ, ଗତକାଲିର ନିର୍ଦ୍ଦେଶ ସତ୍ତ୍ୱେ ଏବେ ଦୋକାନଗୁଡ଼ିକରେ ସବୁ ପ୍ରକାର ବାଣ ଉପଲବ୍ଧ ହେଉଛି। ଦୟାକରି ଏହା ଉପରେ ଧ୍ୟାନ ଦିଅନ୍ତୁ। ବିଚାରପତି କହିଛନ୍ତି, ଏହା କୁହାଯାଇଛି ଯେ, ସମସ୍ତ ପ୍ରକାରର ଫାଇବର, ଲାଇସେନ୍ସପ୍ରାପ୍ତ ହେଉ କିମ୍ବା ଅଣଲାଇସେନ୍ସପ୍ରାପ୍ତ,କ୍ୟୁଆର କୋଡ୍ ସହ କିମ୍ବା କ୍ୟୁଆର କୋଡ୍ ବିନା ଥିବା ବାଣ ବଜାରରେ ଉପଲବ୍ଧ ହେଉଛି।

## ରାହୁଲ-ଖଡ଼ଗେଙ୍କଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୧୧: ସୁପ୍ରିମକୋର୍ଟ ଅଭିମୁଖେ ବିରୋଧୀ ଦଳଗୁଡ଼ିକର ଶୋଭାଯାତ୍ରାକୁ ନେଇ ଦାଏର ଏକ ଆବେଦନ ଉପରେ ମଙ୍ଗଳବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କଠାରୁ ଜବାବ ମାଗିଛନ୍ତି ସୁପ୍ରିମକୋର୍ଟ। ଗତ ଅକ୍ଟୋବର ୧୨ରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳର ନେତା ଓ ସମର୍ଥକମାନେ ସୁପ୍ରିମକୋର୍ଟ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ଏହାଦ୍ୱାରା ଅଦାଲତ ନିକଟରେ ବିପୁଳ ଭିଡ଼ ହେବା ସହ ଜଣେ ଗର୍ଭବତୀ ସାମ୍ବାଦିକା ଆହତ ହୋଇଥିବା ଆବେଦନରେ ଅଭିଯୋଗ କରାଯାଇଛି। ଏହି ଆବେଦନରେ ଅଦାଲତ ପରିସର ଓ ଏହାର ଆଖପାଖରେ ରାଜନୈତିକ ଶୋଭାଯାତ୍ରା ଓ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ନିୟମ ପ୍ରଣୟନ କରିବାକୁ ଦାବି ହୋଇଛି। ଏଥିସହ ରାହୁଲ ଗାନ୍ଧୀ, ଖଡ଼ଗେ ଏବଂ ଅନ୍ୟ କେତେକ ବିରୋଧୀ ନେତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଆରମ୍ଭ କରିବାକୁ ମଧ୍ୟ ଆବେଦନକାରୀ ଦାବି କରିଛନ୍ତି।

## ନ୍ୟାସନାଲ କନଫରେନ୍ସ ଛାଡ଼ିଲେ ଆଗା ରୁହୁଲ୍ଲା

ଶ୍ରୀନଗର,୩।୧୧: ଜାମ୍ମୁ-କାଶ୍ମୀରର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଘଟିଛି। ଶ୍ରୀନଗରର ଲୋକସଭା ସାଂସଦ ସୟଦ ଆଗା ରୁହୁଲ୍ଲା ମେହଦୀ ମଙ୍ଗଳବାର ନ୍ୟାସନାଲ କନଫରେନ୍ସ (ଏନସି) ଦଳରୁ ଇସ୍ତଫା ଘୋଷଣା କରିଛନ୍ତି। ଦଳର ନେତୃତ୍ୱ ୨୦୨୪ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବା ଅଭିଯୋଗ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ଜାମ୍ମୁ-କାଶ୍ମୀରର ଲୋକଙ୍କ ଅଧିକାର ଓ ସମ୍ମାନର ପୁନଃପ୍ରତିଷ୍ଠା ପାଇଁ ଏକ ନୂଆ ରାଜନୈତିକ ଆନ୍ଦୋଳନ ଗଢ଼ିବା ସହ ସେ ଏକ ନୂଆ ରାଜନୈତିକ ଦଳ ଗଠନର ମଧ୍ୟ ସଙ୍କେତ ଦେଇଛନ୍ତି। ବୁଡ୍ଗାମ ଜିଲ୍ଲାର ବେହିଷ୍ଟି ଜେହରା ପାର୍କରେ ନିଜ ପିତା ଆଗା ସୟଦ ମେହଦୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସଭାରେ ରୁହୁଲ୍ଲା ଏହି ଘୋଷଣା କରିଥିଲେ। ପ୍ରାୟ ୮୦ ମିନିଟର ଭାଷଣରେ ସେ ଦଳର ସଭାପତି ଫାରୁକ୍ ଅବଦୁଲ୍ଲା ଓ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱକୁ ସମାଲୋଚନା କରିଥିଲେ।

## ହିନ୍ଦୁ ଓ ୟୁହୁଦୀଙ୍କ ବନ୍ଧୁତ୍ୱ ମୁସଲିମ ଓ ପାକିସ୍ତାନ ପାଇଁ ବିପଦ: ଅସିମ ମୁନୀର

ନୂଆଦିଲ୍ଲୀ,୩।୧୧: ଭାରତ ଓ ଇସ୍ରାଏଲର ବନ୍ଧୁତ୍ୱ ନେଇ ଭୟରେ ପାକିସ୍ତାନ। ଏନେଇ ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ଖୁବ୍ ଚିନ୍ତିତ ଥିବା ଜଣାପଡୁଛନ୍ତି। ମୁସଲିମ ଓ ପାକିସ୍ତାନ ବିରୁଦ୍ଧରେ ହିନ୍ଦୁ ଓ ୟହୂଦୀ ଏକଜୁଟ ହେଉଛନ୍ତି ବୋଲି ମୁନୀର କହିଛନ୍ତି। ମୁନୀରଙ୍କ ଏଭଳି ଦାବି ବିଷୟରେ ସୂଚନା ଦେଇଛନ୍ତି ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ମୋହସେନ୍ ରେଜାଏ। ଲାହୋର ମିଡିଆ ରିପୋର୍ଟ ଅନୁସାରେ, ଅକ୍ଟୋବର ୨୬ ତାରିଖରେ ତେହେରାନରେ ଅନୁଷ୍ଠିତ ହୋଇଥିବା ୪ ଦେଶରେ ସୁରକ୍ଷା ବୈଠକରେ ମୁନୀର ଏହି ମନ୍ତବ୍ୟ ଦେଇଥିଲେ ବୋଲି ରେଜାଇ କହିଛନ୍ତି। ଏକ ଭିଡିଓରେ ରେଜାଏଙ୍କୁ ମୁନିର ଏବଂ ତୁର୍କୀ ଗୁଇନ୍ଦା ମୁଖ୍ୟ ଇବ୍ରାହିମ କାଲିନଙ୍କ ସହ କଥା ହେଉଥିବାର ଦେଖିବାକୁ ମିଳିଛି। ଯେଉଁଥିରେ ସେ ଭାରତ-ଇସ୍ରାଏଲ ସମ୍ପର୍କକୁ ପାକିସ୍ତାନ ଏବଂ ସମଗ୍ର ମୁସଲମାନ ଜଗତ ପାଇଁ ଏକ ବିପଦ ବୋଲି କହୁଛନ୍ତି।

## ବଲୁଚିସ୍ତାନରେ ପାକ୍ ସେନା ଉପରେ ଆକ୍ରମଣ: ୧୨ ମୃତ

ଇସଲାମାବାଦ,୩।୧୧: ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ସୁରକ୍ଷା ବାହିନୀ ଉପରେ ପୁଣି ଏକାଧିକ ଆକ୍ରମଣ ହୋଇଛି। ନୁଶ୍କି ଓ ଖାରାନ ଜିଲ୍ଲାରେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରାଯାଇଥିବା ବେଳେ କାଛି ଜିଲ୍ଲାର ସାନ୍ନିଠାରେ ଥିବା ଏକ ସାମରିକ ଶିବିରକୁ ନିଜ ନିୟନ୍ତ୍ରଣକୁ ନେଇଥିବା ବଲୋଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ଦାବି କରିଛି। ଏହି ଅଭିଯାନରେ ୧୨ ଜଣ ପାକିସ୍ତାନୀ ସାମରିକ କର୍ମଚାରୀ ନିହତ ହୋଇଥିବା ସଂଗଠନ କହିଛି। ଅନ୍ୟପକ୍ଷରେ, ବଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲ୍ଏଫ୍) ଅକ୍ଟୋବର ମାସରେ ୨୫ଟି ଆକ୍ରମଣ କରିଥିବା ଦାବି କରିଛି। ତେବେ ବିଦ୍ରୋହୀ ସଂଗଠନଗୁଡ଼ିକର ଦାବିକୁ ପାକିସ୍ତାନୀ ସାମରିକ କର୍ତ୍ତୃପକ୍ଷ ସ୍ୱାଧୀନ ଭାବେ ସ୍ପଷ୍ଟ କରିନାହାନ୍ତି। ନୁଶକି ଜିଲ୍ଲାର ଅହମଦ ୱାଲ୍ ଅଞ୍ଚଳରେ ସୋମବାର ପାଦରେ ଓ ଗାଡ଼ିରେ ଯାଉଥିବା ସୁରକ୍ଷା କର୍ମୀଙ୍କ ଉପରେ ସଶସ୍ତ୍ର ଆକ୍ରମଣ ହୋଇଥିବା 'ଦି ବଲୁଚିସ୍ତାନ ପୋଷ୍ଟ' ରିପୋର୍ଟ କରିଛି। ଏହାର ତିନି ଦିନ ପୂର୍ବରୁ ମଧ୍ୟ ସେହି ଅଞ୍ଚଳରେ ଏକ ସାମରିକ କନଭୟ ଉପରେ ଆକ୍ରମଣ ହୋଇଥିଲା। ଖାରାନ ଜିଲ୍ଲାରେ ସୁରକ୍ଷା ବାହିନୀର ଏକ ଗାଡ଼ି ବିସ୍ଫୋରଣର ଶିକାର ହୋଇଥିବା ବେଳେ ରାସ୍ତାରେ ପୋତାଯାଇଥିବା ବାରୁଦ ଯୋଗୁଁ ସେନାର ଗତିବିଧି ବାଧାପ୍ରାପ୍ତ ହେଉଥିବା ସୂଚନା ମିଳିଛି।

# ମରୁଡ଼ି ସ୍ଥିତିରେ ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ଏନ୍‌ଡିଏ ସରକାର: ମୋଦି



ପୁଣେ,୩।୧୧: ମହାରାଷ୍ଟ୍ରରେ ମରୁଡ଼ି ସ୍ଥିତି ଯୋଗୁଁ ସଙ୍କଟରେ ପଡ଼ିଥିବା ଚାଷୀଙ୍କୁ କେନ୍ଦ୍ର ସରକାର ସବୁପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆଶ୍ୱାସନା ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ଏନଡିଏ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ବୋଲି ସେ କହିଛନ୍ତି। ଏଥିସହ ଆଗାମୀ ଦୀପାବଳି ପର୍ବ ସମୟରେ ମରୁଡ଼ି ପ୍ରଭାବିତ ଚାଷୀ ପରିବାରଗୁଡ଼ିକ ଯେପରି ଉତ୍ସବର ଖୁସିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଦେଶବାସୀ ସେମାନଙ୍କୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି। ପୁଣେର ହିଞ୍ଜେୱାଡ଼ି-ଶିବାଜୀନଗର ମେଟ୍ରୋ ଲାଇନ୍-୩ର ଉଦଘାଟନ ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ ଯେ ମହାରାଷ୍ଟ୍ରର ମରୁଡ଼ି ସ୍ଥିତି ସମ୍ପର୍କରେ ସେ ଅବଗତ ଅଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ଆଗୁଆ ଆର୍ଥିକ ସହାୟତା ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ପିଏମ୍-କିଷାନ ଯୋଜନାର ଅର୍ଥ ମଧ୍ୟ ଚାଷୀଙ୍କ ଖାତାକୁ ପଠାଯାଇଛି। ତେଣୁ ଚାଷୀମାନେ ଚିନ୍ତା ନ କରିବାକୁ ସେ କହିଥିଲେ। ରାଜ୍ୟ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଚାଷୀଙ୍କୁ ଦୀପାବଳି ପୂର୍ବରୁ ୫ ହଜାର ଟଙ୍କା ଲେଖାଏଁ ଆଗୁଆ ସହାୟତା ଦେବାକୁ ଅନୁମୋଦନ କରିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଚାଷୀଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ଅନ୍ୟପକ୍ଷରେ, ପିଏମ୍-କିଷାନ ସମ୍ମାନ ନିଧି ଯୋଜନାରେ ଯୋଗ୍ୟ ଚାଷୀ ପରିବାରଙ୍କୁ ବର୍ଷକୁ ୬ ହଜାର ଟଙ୍କା ତିନିଟି କିସ୍ତିରେ ଦିଆଯାଉଛି। ମୋଦି କହିଥିଲେ ଯେ ଚାଷୀମାନେ ଦେଶକୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ସଙ୍କଟ ସମୟରେ ସମାଜର ସମସ୍ତ ବର୍ଗ ସହଯୋଗର ହାତ ବଢ଼ାଇବା ଉଚିତ। ଦେଶର ବିକାଶ ପାଇଁ ରାସ୍ତା, ରେଳପଥ, ବିମାନବନ୍ଦର, ମେଟ୍ରୋ, ବିଦ୍ୟୁତ୍, ପାନୀୟ ଜଳ ଓ ଗ୍ୟାସ୍ ଯୋଗାଣ ଭଳି ଭିତ୍ତିଭୂମିର ବିକାଶ ସହ ଗରିବଙ୍କ ଜୀବନଧାରଣର ମାନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ, ମୋଦି ଏହି ଅବସରରେ ପୁଣେର ୨୩.୨ କିଲୋମିଟର ଦୀର୍ଘ ଉଚ୍ଚସ୍ତରୀୟ ମେଟ୍ରୋ ଲାଇନ୍-୩ର ଉଦଘାଟନ କରିଥିଲେ। ୮,୩୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମେଟ୍ରୋ ଲାଇନରେ ୨୩ଟି ଷ୍ଟେସନ୍ ରହିଛି। ଏହା ପୁଣେର ଆଇଟି କେନ୍ଦ୍ର ହିଞ୍ଜେୱାଡ଼ିକୁ ଶିବାଜୀନଗର ସହ ସଂଯୋଗ କରିବ। ଆସନ୍ତାକାଲି ସକାଳ ୬ଟାରୁ ଏହି ମାର୍ଗରେ ଯାତ୍ରୀସେବା ଆରମ୍ଭ ହେବାକୁ ଥିବା ବେଳେ ଏହାର ଟ୍ରେନଗୁଡ଼ିକୁ ମହିଳା ଚାଳକମାନେ ପରିଚାଳନା କରିବେ।

## ବିଜେପି ନେତାଙ୍କୁ ବମ୍ବେ ହାଇକୋର୍ଟଙ୍କ ଭର୍ତ୍ସନା
## ଦିୟା ମିର୍ଜାଙ୍କ ଭିଡିଓ ପୁଣି ଅପଲୋଡ୍ କରିବାକୁ ବିଏମସିକୁ ନିର୍ଦ୍ଦେଶ



ମୁମ୍ବାଇ: ଦୀପାବଳିରେ ପ୍ରଦୂଷଣ ରୋକିବାକୁ ନେଇ ଅଭିନେତ୍ରୀ ଦିୟା ମିର୍ଜାଙ୍କ ଭିଡିଓକୁ ନେଇ ହୋଇଥିବା ବିବାଦରେ ଏବେ ହସ୍ତକ୍ଷେପ କରିଛନ୍ତି ବମ୍ବେ ହାଇକୋର୍ଟ। ଦିୟା ମିର୍ଜାଙ୍କ ଦୀପାବଳି ଭିଡିଓକୁ ହଟାଇବା ଉପରେ ବମ୍ବେ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି,ଭାରତ ଏକ ଧର୍ମନିରପେକ୍ଷ ଦେଶ ଏବଂ ପରିବେଶଗତ ପ୍ରସଙ୍ଗକୁ ଅନ୍ୟ କୌଣସି ରଙ୍ଗ ଦିଆଯିବା ଉଚିତ୍ ନୁହେଁ। ବିଚାରପତି ଗିରିଶ କୁଲକର୍ଣ୍ଣି ଏବଂ ବିଚାରପତି ନୀଳା ଗୋଖଲେଙ୍କ ଖଣ୍ଡପୀଠ ବିଏମସିକୁ ଭିଡିଓ ପୁଣିଥରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଦୀୟା ମିର୍ଜା ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ସଚେତନତା ଭିଡିଓ ତିଆରି କରିଥିଲେ। ଏଥିସହ ରାଜନୈତିକ ନେତାଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଚାରପତି। ଦିୟା ମିର୍ଜା ବିଏମସିର ଏକ ଜନସଚେତନତା ଅଭିଯାନର ଅଂଶ ଭାବେ ଏକ ଭିଡିଓ ସେୟାର କରିଥିଲେ। ଏଥିରେ ସେ ମୁମ୍ବାଇବାସୀଙ୍କୁ ଦୀପାବଳି ସମୟରେ ସାର୍ବଜନୀନ ରାସ୍ତାରେ ବାଣ ନଫୁଟାଇବାକୁ ଅପିଲ୍ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ବାୟୁ ପ୍ରଦୂଷଣ କମାଇବା ଏବଂ ପରିବେଶ ଅନୁକୂଳ ଭାବେ ପର୍ବ ପାଳନ କରିବା। କିନ୍ତୁ ମୁମ୍ବାଇ ବିଜେପି ସଭାପତି ଅମିତ ସତମ ଏକ୍ସରେ ପୋଷ୍ଟ କରି ଦୀପାବଳି ପାଳନ କରିବାର ଉପାୟ ଅନ୍ୟ କାହାଠାରୁ ଶିଖିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହାପରେ ବିଏମସି ଦିୟାଙ୍କ ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ ହଟାଇ ଦେଇଥିଲା। ଘଟଣାକୁ ନେଇ ଅନେକ ରାଜନେତା ମଧ୍ୟ ଦିୟାଙ୍କୁ ସମାଲୋଚନା କରିଥିଲେ। ମଙ୍ଗଳବାର, ବମ୍ବେ ହାଇକୋର୍ଟର ଜଷ୍ଟିସ୍ ଗିରିଶ କୁଲକର୍ଣ୍ଣୀ ଏବଂ ଜଷ୍ଟିସ୍ ଡକ୍ଟର ନୀଳା ଗୋଖଲେଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ବିଏମସିକୁ ଦିୟା ମିର୍ଜାଙ୍କ ଭିଡିଓକୁ ପୁଣିଥରେ ସୋସିଆଲ ମିଡିଆରେ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ ରାଜନୈତିକ ନେତାଙ୍କ ଅନାବଶ୍ୟକ ମନ୍ତବ୍ୟକୁ ନେଇ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ।

## ଶାହଙ୍କୁ ଭେଟିଲେ ରାମ ଚରଣ ଓ ଚିରଞ୍ଜୀବୀ



ନୂଆଦିଲ୍ଲୀ, ୩/୧୧: ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ରାମ ଚରଣ ଓ ତାଙ୍କ ପିତା ତଥା ଅଭିନେତା ଚିରଞ୍ଜୀବୀ ନିକଟରେ ହାଇଦ୍ରାବାଦରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି । ଅମିତ ଶାହ ଚିରଞ୍ଜୀବୀଙ୍କ ବାସଭବନକୁ ଯାଇଥିବା ବେଳେ ଉଭୟ ଅଭିନେତା ତାଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ । ଏହି ସାକ୍ଷାତର କିଛି ଫଟୋ ସୋସିଆଲ ମିଡିଆରେ ଏବେ ଚର୍ଚ୍ଚାରେ ରହିଛି। ରାମ ଚରଣ ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' ଏବଂ ଇନଷ୍ଟାଗ୍ରାମରେ ଏହି ସାକ୍ଷାତର ଫଟୋ ସେୟାର କରିଛନ୍ତି । ଫଟୋରେ ରାମ ଚରଣ ଓ ଚିରଞ୍ଜୀବୀ ଅମିତ ଶାହଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସେମାନେ ତାଙ୍କୁ ଭଗବାନ ବିଷ୍ଣୁଙ୍କ ଏକ ରୌପ୍ୟ ମୂର୍ତ୍ତି ଉପହାର ଦେବା ସହ ଶାଲ୍ ପିନ୍ଧାଇ ସମ୍ମାନିତ କରିଥିଲେ । ତେବେ ଏହି ସାକ୍ଷାତର ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଡିପଫେକ୍ ପ୍ରଯୁକ୍ତିର ବଢୁଥିବା ଅପବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା ।

## ସାମରିକ କ୍ଷେତ୍ରରେ ଆତ୍ମନିର୍ଭରତା ଭାରତ ପାଇଁ ଜରୁରୀ: ନୌସେନା ମୁଖ୍ୟ




ନୂଆଦିଲ୍ଲୀ,୩।୧୧: ବର୍ତ୍ତମାନର ଅସ୍ଥିର ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିରେ ଆତ୍ମନିର୍ଭରତା କୌଣସି ବିକଳ୍ପ ନୁହେଁ, ବରଂ ଏହା ଏକ ରଣନୈତିକ ଆବଶ୍ୟକତା ବୋଲି ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀ ଠାରେ ଏକ ଥିଙ୍କ-ଟ୍ୟାଙ୍କ ଦ୍ୱାରା ଆୟୋଜିତ "ଦିଲ୍ଲୀ ଡିଫେନ୍ସ ଡାଏଲଗ୍"ରେ ଉଦବୋଧନ ଦେଇ ସେ କହିଛନ୍ତି ଯେ, ବାହ୍ୟ ଦେଶ କିମ୍ବା ସଂସ୍ଥା ଉପରେ ନିର୍ଭର ନକରି ନିଜ ବଳରେ ଯୁଦ୍ଧ ଲଢ଼ିବା, ଅପରେସନ୍ ଜାରି ରଖିବା ଏବଂ ନିଜକୁ ପରିସ୍ଥିତି ସହ ଖାପଖୁଆଇ ପାରୁଥିବା ଏକ ଶକ୍ତିଶାଳୀ ନୌସେନା ଗଠନ କରିବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ। ଆଡମିରାଲ ସ୍ୱାମୀନାଥନ ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଅଲଗା ହୋଇ ରହିବା ନୁହେଁ। ଏହା ଭାରତକୁ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ଦୁର୍ବଳତା ନୁହେଁ, ବରଂ ଶକ୍ତିଶାଳୀ ସ୍ଥିତିରେ ଥାଇ ସହଯୋଗ କରିବାକୁ ସମର୍ଥ କରିଥାଏ। ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଯୁଦ୍ଧ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ନୌସେନା ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଓ ସାମରିକ ସାମର୍ଥ୍ୟ ହିଁ ଅପରେସନାଲ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବ।

## ଅବତରଣ ବେଳେ ଧକ୍କା ହେଲା ଦୁଇ ହେଲିକପ୍ଟର, ଜଣେ ମୃତ

କାଠମାଣ୍ଡୁ, ୩/୧୧ : ଫ୍ଲୋରିଡାର ବିମାନ ଦୁର୍ଘଟଣା ମନରୁ ନ ଲିଭୁଣୁ ଆଉ ଏକ ଭୟଙ୍କର ଦୁର୍ଘଟଣା । ମୁହାଁମୁହିଁ ହେଲେ ଦୁଇଟି ହେଲିକପ୍ଟର । ଏପରି ଅଭାବନୀୟ ଘଟଣା ଘଟିଛି ନେପାଳର କାଠମାଣ୍ଡୁରେ। ଏଠାରେ ଦୁଇଟି ହେଲିକପ୍ଟର ପରସ୍ପରକୁ ଧକ୍କା ଦେଇଛନ୍ତି। ଦୁର୍ଘଟଣାରେ ଜଣେ ବିଦେଶୀ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହାସହ ଅନ୍ୟ ଜଣେ ଆହତ ହୋଇଛନ୍ତି । ଉଭୟ ହେଲିକପ୍ଟର ଫେରୋଚୀ ହେଲିପ୍ୟାଡରେ ଅବତରଣ କରୁଥିଲେ । ଏହି ସମୟରେ ସେମାନେ ପରସ୍ପରକୁ ଧକ୍କା ଦେଇଥିଲେ। ନେପାଳ ନାଗରିକ ଉଡାଣ ପ୍ରାଧିକରଣର କହିବାନୁସାରେ, ଫିଷ୍ଟେଲ୍ ଏୟାର ଏବଂ ଡାଏନେଷ୍ଟି ଏୟାର ହେଲିକପ୍ଟର ଫେରୋଚୀ ହେଲିପ୍ୟାଡରେ ଅବତରଣ କରୁଥିଲେ । ଏହି ସମୟରେ ଉଭୟ ପରସ୍ପରକୁ ଧକ୍କା ଦେଇଥିଲେ।

## ଓମାନ ଉପକୂଳରେ ଭାରତୀୟ ଜାହାଜ ଦୁର୍ଘଟଣାଗ୍ରସ୍ତ
## ଜଣେ ମୃତ; ୧୩ ନାବିକଙ୍କୁ ଉଦ୍ଧାର



ନୂଆଦିଲ୍ଲୀ,୩।୧୧: ସମୁଦ୍ରରେ ଯାତ୍ରା କରୁଥିବା ସମୟରେ ଏକ ଭାରତୀୟ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯେଉଁଥିରେ ଗୁଜରାଟର ଜଣେ ନାବିକଙ୍କର ମୃତ୍ୟୁ ହୋଇଥିବାବେଳେ ଓମାନ କୋଷ୍ଟ ଗାର୍ଡର ସହାୟତାରେ ଅନ୍ୟ ୧୩ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ଦୁଃଖଦ ଘଟଣା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସୂଚନାନୁସାରେ, ଗତ ନଭେମ୍ବର ୨ ତାରିଖରେ ଭାରତୀୟ ଜାହାଜ 'ଅଲ ଜୁସୁଫି' ଓମାନ ଉପକୂଳ ଦେଇ ଅତିକ୍ରମ କରୁଥିଲା । ଏହି ସମୟରେ ଜାହାଜଟି ଏକ ଅଜ୍ଞାତ ବସ୍ତୁ ସହିତ ଧକ୍କା ହୋଇ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ଜାହାଜରେ ମୋଟ ୧୪ ଜଣ ଭାରତୀୟ ନାବିକ ଥିଲେ। ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ପରେ ଓମାନ କୋଷ୍ଟ ଗାର୍ଡ ତତ୍ପରତା ପ୍ରକାଶ କରି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।

## ୩୦ ହଜାର ଟଙ୍କାକୁ ନେଇ ୨ କୃଷି ଶ୍ରମିକଙ୍କୁ ଜାଳିଦେଲେ

ରାଜକୋଟ,୩।୧୧: ଗୁଜରାଟର ଅମରେଲି ଜିଲ୍ଲାରେ ଆଜି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ୩୦ ହଜାର ଟଙ୍କାକୁ ନେଇ ବିବାଦରୁ ଜଣେ ନାବାଳକଙ୍କ ସମେତ ୨ ଜଣଙ୍କୁ ଗାଡ଼ି ଭିତରେ ଜୀଅନ୍ତା ଜାଳି ଦିଆଯାଇଛି। ଲିଲିୟା ତାଲୁକାର ଗୁନ୍ଦରନ ଗ୍ରାମରେ ଏହି ଘଟଣା ଘଟିଛି। ଏହି ଡବଲ୍ ମର୍ଡର ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ମୃତକଦ୍ୱୟ ହେଉଛନ୍ତି ରବି ବଧେଲ (୧୬) ଓ ନୀତିନ ପଚୟା (୨୧)। ଉଭୟ ମଧ୍ୟପ୍ରଦେଶର ବାସିନ୍ଦା ଏବଂ ଗୁନ୍ଦରନ ଗ୍ରାମରେ କୃଷି ଶ୍ରମିକ ଭାବେ କାମ କରୁଥିଲେ। ଜଳିଯାଇଥିବା ଗାଡ଼ିରୁ ପୁଲିସ ସେମାନଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି।

## ଇରାନ୍ ଉପରେ ଆମେରିକାର ପ୍ରଚଣ୍ଡ ଆକ୍ରମଣ
# କେଶମ ଦ୍ୱୀପ ଉପରେ ମିସାଇଲ୍ ବର୍ଷା

ୱାଶିଂଟନ,୩/୧୧: ଭାଙ୍ଗିଲା ଶାନ୍ତିଚୁକ୍ତି । ପୁଣି ଅଶାନ୍ତ ମଧ୍ୟପ୍ରାଚ୍ୟ। ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ଆମେରିକା। ମିଡିଲ୍ ଇଷ୍ଟ ନିର୍ବାଚନ ଭିତରେ ପୁଣି ସିଜଫାୟାର ଚୁକ୍ତି ତୁଟିଛି। ପୁଣି ଆମେରିକା ଏବଂ ଇରାନ୍ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସକାଳେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଆମେରିକାର ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ଇରାନର କେଶମ ଦ୍ୱୀପରେ ଆକ୍ରମଣ ହୋଇଛି। ବଡ଼ କଥା ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ସୂଚାଇ ଥିଲେ ଯେ ଇରାନ ସହ ୮ଟି ଚୁକ୍ତିନାମା ହୋଇପାରେ। ଏଭଳି ପରିସ୍ଥିତିରେ ଏହାକୁ ଟ୍ରମ୍ପଙ୍କ ବ୍ଲଫ୍ ଗେମ୍ କୁହାଯାଇପାରେ । କେଶମ ଦ୍ୱୀପ ଉପରେ ମିସାଇଲ୍ ବର୍ଷା କରିଛି ଆମେରିକା। ଚୁକ୍ତି ହେବା ପୂର୍ବରୁ ଏଭଳି ଅନେକ ସଙ୍କେତ ସାମ୍ନାକୁ ଆସିଥିଲା, ଯେଉଁଥିପାଇଁ ଏହି ଆକ୍ରମଣ ନିଶ୍ଚିତ ବୋଲି ବିବେଚନା କରାଯାଉଛି । କେଶମ ଦ୍ୱୀପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । କେଶମ



ଦ୍ୱୀପ ଉପରେ ଆକ୍ରମଣ ପରେ ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଯୁଦ୍ଧ ଜିତିଛନ୍ତି । ଖାଲି ସେତିକି ନୁହେଁ ଟ୍ରମ୍ପ ଏହା ବି କହିଛନ୍ତି କି, ଇରାନ ତାଙ୍କୁ ଯୁଦ୍ଧ ରୋକିବାକୁ ଅପିଲ୍ କରୁଛି । ଦୀର୍ଘ ଦିନରେ ଲଢେଇ ପରେ ଦୁଇ ଦେଶ ମଧ୍ୟରେ ଶାନ୍ତିଚୁକ୍ତି ହୋଇଥିଲା ମାତ୍ର ଏବେ ଭାଙ୍ଗିଯାଇଛି ।

## ମାଦକଦ୍ରବ୍ୟ ଜବତ ମାମଲା: ସଲିମ୍ ଡୋଲା ଗିରଫ

ଅହମଦାବାଦ,୩।୧୧: ଗୁଜରାଟରେ ୪୩୮.୬୪ କୋଟି ଟଙ୍କାର ମାଦକଦ୍ରବ୍ୟ ଜବତ ମାମଲାରେ ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ଚାଲାଣକାରୀ ସଲିମ୍ ଇସ୍ମାଇଲ୍ ଡୋଲାକୁ ଗିରଫ କରିଛି ଗୁଜରାଟ ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍)। ୨୦୨୨ ଡିସେମ୍ବରରେ ବଡ଼ୋଦରା ଜିଲ୍ଲାର ସିନ୍ଧରୋଟ ଗାଁ ନିକଟରେ ଥିବା ଏକ ବେଆଇନ ମାଦକଦ୍ରବ୍ୟ ଉତ୍ପାଦନ କାରଖାନାରୁ ୮୭.୭୨୮ କିଲୋଗ୍ରାମ୍ ମେଫେଡ୍ରୋନ୍ ଜବତ ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୪୩୮.୬୪ କୋଟି ଟଙ୍କା ଆକଳନ କରାଯାଇଥିଲା। ଏଟିଏସର ସହକାରୀ ପୁଲିସ କମିସନର ଏସ୍.ଏଲ୍. ଚୌଧୁରୀଙ୍କ ସୂଚନା ଅନୁଯାୟୀ, ଅକ୍ଟୋବର ୩୧ରେ ଡୋଲାକୁ ହେପାଜତକୁ ନିଆଯାଇଛି।

## ୟୁକ୍ରେନରେ ରଷର ଜୋରଦାର ଆକ୍ରମଣ
# ରିଲିଫ୍ ସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ଟାର୍ଗେଟ୍ : ୨୪ ମୃତ



କିଭ,୩।୧୧: ଯୁଦ୍ଧର ବିଭୀଷିକା ଭିତରେ ପୁଣି ରକ୍ତରଞ୍ଜିତ ଖେଳ ଖେଳିଛି ରୁଷ । ୟୁକ୍ରେନର ରିଲିଫ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର ଉପରେ ଭୟଙ୍କର ଆକ୍ରମଣ କରିଛି ରଷ। ଆକ୍ରମଣରେ ଏଯାଏଁ ମୋଟ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆହୁରି ଅନେକ ଲୋକ ଗୁରୁତର ଆହତ ହୋଇଥିବା ଖବର ସାମ୍ନାକୁ ଆସିଛି। ଯେଉଁଠି ଯୁଦ୍ଧ ପୀଡ଼ିତ ଲୋକଙ୍କୁ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଉଥିଲା, ସେହି ସ୍ଥାନ ଏବେ ମୃତ୍ୟୁର ସ୍ଥାନ ପାଲଟିଛି । ଆକ୍ରମଣ ପରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦିନକୁ ଦିନ ବଢୁଛି ୟୁକ୍ରେନ-ରୁଷ ୱାର। ୟୁକ୍ରେନ ଉପରେ ରଷର ଆକ୍ରମଣ ଥମିବାର ନାଁ ନେଉନି। ଏଥର ଟାର୍ଗେଟରେ ଥିଲା ୟୁକ୍ରେନର ଏକ ରିଲିଫ୍ ସାମଗ୍ରୀ ବଣ୍ଟନ କେନ୍ଦ୍ର। ସେଠାରେ ଯୁଦ୍ଧ ଯୋଗୁଁ ପ୍ରଭାବିତ ଲୋକଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବଣ୍ଟନ କରାଯାଉଥିଲା। ଠିକ ସେହି ସମୟରେ ରଷ କରିଥିଲା ଧମାକାଦାର ଆକ୍ରମଣ । ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ସେଥିରେ ୨୪ ଜଣଙ୍କ ଜୀବନ ଯାଇଛି । ଘଟଣା ପରେ ଉଦ୍ଧାରକାରୀ ଦଳ ଓ ଜରୁରୀକାଳୀନ ସେବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ଆହତଙ୍କୁ ହସ୍ପିଟାଲକୁ ପଠାଯିବା ସହ ଧ୍ୱଂସାବଶେଷ ତଳେ ଆଉ କେହି ଫସି ରହିଛନ୍ତି କି ନାହିଁ, ସେନେଇ ଯାଞ୍ଚ କରାଯାଉଛି। ଆକ୍ରମଣ ପରେ ଚାରିଆଡ଼େ ଧ୍ୱଂସର ଚିତ୍ର ଦେଖିବାକୁ ମିଳିଛି। ମୃତାହତଙ୍କ ମଧ୍ୟରେ ରିଲିଫ୍ ସାମଗ୍ରୀ ନେବାକୁ ଆସିଥିବା ଲୋକ ଥିବା ଆଶଙ୍କା କରାଯାଉଛି।

# ନାବାଳିକାକୁ ଆଶାଳୀନ ବ୍ୟବହାର, ୪ ଗିରଫ

ଭୁବନେଶ୍ୱର(ନି.ପ୍ର) : ନାବାଳିକାକୁ ଆଶାଳୀନ ବ୍ୟବହାର ଓ ଏହାକୁ ନେଇ ଆକ୍ରମଣ ଅଭିଯୋଗରେ ଭରତପୁର ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିପିନ ବେହେରା, ହରିହର ବେହେରା ଓରଫ ବୁଲୁ, ପୁଷ୍ପଲତା ବେହେରା ଓରଫ ପୁଷ୍ପାଞ୍ଜଳି ଏବଂ ରାଜୁ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ରୀତା ନାୟକ ଭରତପୁର ଥାନା ଅଞ୍ଚଳରେ ରହୁଥିବା ବେଳେ ତାଙ୍କର ଜଣେ ନାବାଳିକା ଝିଅ ଅଛନ୍ତି। ଅଭିଯୁକ୍ତ ବୁଲୁ ବେହେରା, ତାଙ୍କ ପତ୍ନୀ ପୁଷ୍ପଲତା ବେହେରା, ପୁଅ ବିପିନ ବେହେରା ଏବଂ ସେମାନଙ୍କ ସର୍ଭିସିଂ ସେଣ୍ଟରରେ କାମ କରୁଥିବା ବିକାଶ ଓ ରାଜୁ ନାୟକ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି। ଗତ ୨୯.୧୦.୨୦୨୬ ତାରିଖରେ ବିକାଶ ଓ ରାଜୁ ନାୟକ ଅଭିଯୋଗକାରିଣୀଙ୍କ ନାବାଳିକା ଝିଅଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହ ବିବାହ ପାଇଁ ମେସେଜ୍ ପଠାଇଥିଲେ ଏବଂ ରାଜି ନହେଲେ ଅପହରଣ କରିନେବାକୁ ଧମକ ଦେଇଥିଲେ । ଏହାକୁ ନେଇ ଅଭିଯୋଗକାରିଣୀ ଉକ୍ତ ଦୁଇ ଜଣଙ୍କୁ ଚେତାବନୀ ଦେଇଥିଲେ । ପରବର୍ତ୍ତୀ ଦିନ ୩୦.୧୦.୨୦୨୬ ତାରିଖ ରାତି ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ଅଭିଯୁକ୍ତ ବୁଲୁ ବେହେରା ଓରଫ ହରିହର ବେହେରା, ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ବେହେରା ଓରଫ ପୁଷ୍ପଲତା ବେହେରା, ପୁଅ ବିପିନ ବେହେରା ଓ ରାଜୁ ନାୟକ ମିଳିତ ଭାବେ ଅଭିଯୋଗକାରିଣୀ ଓ ତାଙ୍କ ଭାଇମାନଙ୍କୁ ଆକ୍ରମଣ କରିଥିଲେ । ବୁଲୁ ବେହେରା ଅଭିଯୋଗକାରିଣୀଙ୍କୁ ଟଣାଓଟରା କରି ତଳେ ପକାଇ ଘୋଷାଡ଼ି ନେଇଥିଲେ। ଏଥିସହ ବିପିନ ବେହେରା ଅଭିଯୋଗକାରିଣୀଙ୍କ ନାବାଳିକା ଝିଅଙ୍କୁ ଅପହରଣ ଓ ଦୁଷ୍କର୍ମ କରିବାର ଧମକ ଦେଇଥିଲେ । ଏହି ଘଟଣାରେ ଅଭିଯୋଗକାରିଣୀଙ୍କ ଲିଖିତ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ, ୧୨ ଗିରଫ



ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାରମ୍ବାର ଡକାୟତି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଏହି ଘଟଣାରେ ୧୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ତିନି ଜଣ, ଖୋର୍ଦ୍ଧା ଜିଲ୍ଲାର ୮ଜଣ, ପୁରୀ ଜିଲ୍ଲାର ଜଣେ ଏହି ଡକାୟତି ଘଟଣାରେ ଗିରଫ ହୋଇଛନ୍ତି ବୋଲି ଏସପି ସୂଚନା ଦେଇଛନ୍ତି। ଗିରଫ ୧୧ ଜଣ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କୁହୁଡ଼ି ଚୁଆଟାଙ୍ଗୀ ଅଞ୍ଚଳର ରାଜୁ ପ୍ରଧାନ, ତୋଫାନ ସିକାରୀ ଓ ବାନୀ ଓରଫ ବାଣୀ ପ୍ରଧାନ। ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅଞ୍ଚଳର ଜଳନ୍ଧର ପାତ୍ର, ଶିବ ପାତ୍ର ଓ ସାଗର ପାତ୍ର। ଏହାସହ ବାଲୁଗାଁ ଥାନା ଅଞ୍ଚଳର କହ୍ନା ସିକାରୀ, ବାଣପୁର ଥାନା ଅଞ୍ଚଳର ଗୋପାଳ ସିକାରୀ, ନାଚୁଣୀ ଥାନା ଅଞ୍ଚଳର ଅଜୟ ପ୍ରଧାନ ଓ ସଞ୍ଜୟ ପ୍ରଧାନ ଏବଂ ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳର ଏନ୍. ରାଜେଶ। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ନାଚୁଣୀ ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ପ୍ରକାଶ ସାହୁଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସପି କହିଛନ୍ତି ଗତ ୨ମାସ ଧରି ଖୋର୍ଦ୍ଧା ଜିଲ୍ଲା ବାଣପୁର, ବାଲୁଗାଁ, ଟାଙ୍ଗୀ,ନାଚୁଣୀ, ଚାନ୍ଦପୁର ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ସିରିଜ୍ ଭାବେ ସୁନା ଏବଂ ରୂପା ଅଳଙ୍କାର ଲୁଟ୍ ହେଉଥିବା ଅଭିଯୋଗ ହୋଇଥିଲା। ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ନିର୍ଦ୍ଦେଶରେ ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୫୦୦ ଗ୍ରାମ ସୁନା ଅଳଙ୍କାର ଏବଂ ୧୧ କେଜି ରୌପ୍ୟ ଅଳଙ୍କାର ଜବତ କରାଯାଇଛି। ଜବତ ହୋଇଥିବା ସୁନା ଅଳଙ୍କାର ମଧ୍ୟରେ ହାର, ଚେନ, କାନ ଫୁଲ, ଚୁଡ଼ି, ମୁଦି ରହିଛି। ସେହିପରି ରୂପା ଅଳଙ୍କାର ମଧ୍ୟରେ ଗୋଡ ପାଉଁଜି, ଝୁଣ୍ଟିଆ, ରୂପା ଥଳିଆ, ଗ୍ଲାସ୍ ଇତ୍ୟାଦି ରହିଛି। ଗିରଫ ଅଭିଯୁକ୍ତଙ୍କ ନାଁ ରେ ପୂର୍ବରୁ ମାମଲା ରହିଛି କି ନାହିଁ ପୋଲିସ ତଦନ୍ତ ଚଳାଇଛି ବୋଲି ଏସପି ସୂଚନା ଦେଇଛନ୍ତି।

# କାଠଯୋଡ଼ି ପଠାରେ ହତ୍ୟା ଘଟଣାର କ୍ରାଇମ ସିନ୍ ଦେଖାଇଲା ଅଭିଯୁକ୍ତ



କଟକ(ନିପ୍ର): କାଠଯୋଡ଼ି ପଠାରେ କ୍ରାଇମ ସିନ୍ ଦେଖାଇଲା ଅଭିଯୁକ୍ତ । ମହିଳାଙ୍କୁ କେମିତି ହତ୍ୟା କରିଥିଲା ରାଜାବଗିଚା କାଠଯୋଡ଼ି ପଠାରେ କ୍ରାଇମ ସିନ୍ ଦେଖାଇଥିଲା ଅଭିଯୁକ୍ତ ଜଳନ୍ଧର ବାଗ । ଗତ ଅକ୍ଟୋବର ୭ ତାରିଖ ଦିନ କ'ଣ ଘଟିଥିଲା ଓ ଅଭିଯୁକ୍ତ କିପରି ହତ୍ୟା କରିଥିଲା ତା'ର ଡେମୋ ଦେଖାଇଥିଲା । ଗତକାଲିଠାରୁ ଅଭିଯୁକ୍ତ ଜଳନ୍ଧର ବାଗକୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ଜାରି ରଖିଛି ବାଦାମବାଡ଼ି ପୋଲିସ । ତେବେ ବସ ଟର୍ମିନାଲ ନିକଟ ମଲାଚଣ୍ଡୀଆ ଛକ ନିକଟରୁ କାଠଯୋଡ଼ି ପଠା ପର୍ଯ୍ୟନ୍ତ ଅଭିଯୁକ୍ତକୁ ଚଲାଇ ଚଲାଇ ନେଇଥିଲା କମିଶନରେଟ ପୋଲିସ। ଘଟଣାସ୍ଥଳରେ ଅଭିଯୁକ୍ତକୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିଥିଲା ପୋଲିସ। କାଠଯୋଡ଼ି ପଠାରେ ମହିଳାଙ୍କୁ ହତ୍ୟା ପରେ, ତୁରନ୍ତ କଟକ ଛାଡି ନଥିଲା ଅଭିଯୁକ୍ତ । ଅନେକ ସମୟ ଧରି ଆଖପାଖ ଅଞ୍ଚଳରେ ବିଚରଣ କରିଥିଲା। ଏପରିକି ହତ୍ୟା ପରେ ମୃତ ମହିଳାଙ୍କ ଘରକୁ ମଧ୍ୟ ଯାଇଥିଲା ଅଭିଯୁକ୍ତ ଜଳନ୍ଧର । ସେଠାରେ ତାଙ୍କ ପରିବାରବର୍ଗଙ୍କୁ ନିର୍ଯାତନା ଦେଇଥିବା ସୂଚନା ଦେଇଛନ୍ତି କଟକ ଡିସିପି । କେବଳ ଏହି ଘଟଣା ନୁହେଁ ଅନ୍ୟ ମହିଳାଙ୍କୁ ମଧ୍ୟ ଅଭିଯୁକ୍ତ ମରଣାନ୍ତକ ଆକ୍ରମଣ କରିଥିବା ତଥ୍ୟ ସାମ୍ନାକୁ ଆସିଛି । ତେବେ ଗତ ଅକ୍ଟୋବର ୭ ତାରିଖ ସକାଳ ପ୍ରାୟ ୮ଟା ବେଳେ କଟକ ସିଏନବିଟିରେ ଅଭିଯୁକ୍ତ ଜଳନ୍ଧର ଓ ଗୌରୀ ପହଞ୍ଚିବା ପରେ କାଠଯୋଡ଼ି ନଦୀ ପଠାକୁ ଆସିଥିଲେ । ସେଠାରେ ଗୌରୀଙ୍କୁ ହତ୍ୟା କରିଥିଲା ଜଳନ୍ଧର । କଳାହାଣ୍ଡିରୁ ଗୌରୀଙ୍କୁ ଆଣି ଜଗତସିଂହପୁର ନାଉଗାଁରେ ଭଡ଼ା ଘରେ ରଖିଥିଲା ଅଭିଯୁକ୍ତ। ସେଠାରେ ଗୌରୀଙ୍କୁ ଶାବଳରେ ଆକ୍ରମଣ କରିଥିବା ନେଇ ଜଗତସିଂହପୁର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା।

# ଦୀପାବଳି ପୂର୍ବରୁ ଧରପଗଡ଼ ସିଡିଏ ସେକ୍ଟର-୯ ଅଞ୍ଚଳରୁ ବିପୁଳ ବାଣ ଜବତ

କଟକ(ନିପ୍ର): ଦୀପାବଳି ପୂର୍ବରୁ ଧରପଗଡ଼ । ୩୨ ପ୍ରକାର ବାଣ ଜବତ । ମର୍କତ ନଗର ଥାନା ପୋଲିସ କଟକ ସିଡିଏ ସେକ୍ଟର ୯ ଅଂଚଳର ଏକ ଭଡା ଘରେ ମଙ୍ଗଳବାର ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି । ଗଛିତ ଥିବା ବାଣ ଘର ନିକଟରେ ଗ୍ୟାସ ପାଇପ ଲାଇନ ଯାଇଥିବାରୁ ଯେ କୌଣସି ମୁହୂର୍ତ୍ତରେ ବଡ଼ ଅଘଟଣ ଘଟିବାର ସମ୍ଭାବନା ରହିଥିଲା । ପୋଲିସ ଚଢ଼ାଉ କରି ଏହି ବିସ୍ଫୋରକ ସାମଗ୍ରୀ ଜବତ କରିଛି । ତେବେ ଚଢ଼ାଉ ସମୟରେ ଘର ଭଡାରେ ନେଇ ବାଣ ଗଛିତ ରଖିଥିବା ବ୍ୟକ୍ତି ଫେରାର ହୋଇଯାଇଛି । ଘର ମାଲିକ ଏ ସମ୍ପର୍କରେ ଅଜ୍ଞ ଥିବା ଜଣାପଡିଛି । ଚଢ଼ାଉ ସମୟରେ ଘର ମାଲିକ ସମସ୍ତ ପ୍ରକାର ସହଯୋଗ କରିଥିବା ପୋଲିସ କହିଛି । ଜବତ ବାଣର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ। ବେଆଇନ ବାଣ ବିକ୍ରି ଉପରେ ନଜର ଥିବା କମିଶନରେଟ ପୋଲିସର ସୂଚନା । ସେପଟେ ଅନଲାଇନରେ କିଛି ବ୍ୟବସାୟୀ ବାଣ ବିକ୍ରି କରୁଥିବା ଅଭିଯୋଗ ଆସିଛି । ବିନା ଲାଇସେନ୍ସରେ ବାଣ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ପୋଲିସ ସେଥିପ୍ରତି ତୀକ୍ଷ୍ଣ ନଜର ରଖିଛି ବୋଲି କମିଶନରେଟ ପୋଲିସ କହିଛି । ଅନଲାଇନରେ ବାଣ ନ କିଣିବାକୁ ଜନସାଧାରଣଙ୍କୁ ପୋଲିସ ପରାମର୍ଶ ଦେବା ସହ ସାଇବର ପୋଲିସ ଏଥିପ୍ରତି ସଜାଗ ରହିଛି ବୋଲି କହିଛନ୍ତି ।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଭାପୁର(ନିପ୍ର): ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗ୍ରାମର ବସନ୍ତ କୁମାର ପଣ୍ଡା(୫୭) ମଙ୍ଗଳବାର ମଧ୍ୟାହ୍ନରେ ନିଜ ଘର ବାରିପଟେ ମରି ପଡିଥିବାର ଦେଖି ପରିବାର, ସାହି ପଡୋଶୀ ଏବଂ ଗ୍ରାମବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜଣେ ସୁସ୍ଥ, ନିରୋଗୀ ଲୋକ ଘରେ ମଧ୍ୟାହ୍ନ ଭୋଜନ ଖାଇବା ପରେ କିଭଳି ଭାବରେ ମୃତ୍ୟୁବରଣ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବସନ୍ତଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଥିବା ବେଳେ ସେ ବାରିପଟକୁ ଯାଇଥିବାବେଳେ କୌଣସି ବିଷଧର ସର୍ପ କାମୁଡିବା କିମ୍ବା ହୃଦ୍‌ଘାତ ହୋଇଥିବା ନେଇ ଆଶା ପ୍ରକଟ କରାଯାଉଛି। ଉଲ୍ଲେଖଯୋଗ୍ୟ, ସେ ଘରମାନଙ୍କରେ ବିଦ୍ୟୁତ ମରାମତି କାର୍ଯ୍ୟ କରି ନିଜ ଗୁଜୁରାଣ ମେଣ୍ଟାଉ ଥିଲେ। ତାଙ୍କ ମୃତ୍ୟୁରେ ଗ୍ରାମବାସୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

---

# ବସ୍‌ରେ ଭଡ଼ାକୁ ନେଇ ମାରପିଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଆମ ବସରେ ଭଡାକୁ ନେଇ ମାରପିଟ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିକାଶ ବେହେରା ଓରଫ ବିକୁ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଅଜିତ ମିର୍ଦ୍ଧା ହେଉଛନ୍ତି ସମ୍ବଲପୁର ବାସିନ୍ଦା । ଗତକାଲି ସେ ତାଙ୍କ ଶ୍ୱଶୁର ଓ ମାମୁଁଙ୍କ ସହ ଆମ ବସରେ ଯାତ୍ରା କରୁଥିଲେ। ଯାତ୍ରା ସମୟରେ ଅଭିଯୁକ୍ତ ବିକାଶ ବେହେରା ଓରଫ ବିକୁ ଭଡ଼ା ଦେବାକୁ ନେଇ ବସ୍ କଣ୍ଡକ୍ଟରଙ୍କ ସହ ଯୁକ୍ତିତର୍କ କରିବା ସହ କଣ୍ଡକ୍ଟର ଓ ଅନ୍ୟ ଯାତ୍ରୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ବସ୍‌ରେ ମହିଳା ଯାତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ଅଭିଯୁକ୍ତ ନିଜର ଉତ୍ତେଜିତ ଆଚରଣ ଜାରି ରଖିଥିଲେ ଏବଂ ଏହାକୁ ବିରୋଧ କରିଥିବା ଯାତ୍ରୀମାନଙ୍କୁ ଧମକ ଦେଇଥିଲେ। ଜୟଦେବ ବିହାର ନିକଟରେ କଣ୍ଡକ୍ଟର ଅଭିଯୁକ୍ତଙ୍କୁ ବସ୍‌ରୁ ଓହ୍ଲାଇବାକୁ କହିଥିଲେ । ଏହାପରେ ଅଭିଯୁକ୍ତ ବସ୍‌କୁ ପଥର ମାଡ଼ କରିବାରୁ ବସ୍‌ର ଝରକା କାଚ ଭାଙ୍ଗି ଯାଇଥିଲା। ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ପଥରରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ କାନ/ମୁଣ୍ଡାରେ ରକ୍ତାକ୍ତ ଆଘାତ ଲାଗିଥିଲା। ଖବର ପାଇ ପିସିଆର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଅଭିଯୋଗକାରୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ ଏବଂ ଅଭିଯୁକ୍ତଙ୍କୁ ଅଟକ ରଖି ଥାନାକୁ ନେଇଥିଲେ। ପରେ ଏନେଇ ଅଭିଯୋଗକାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ଏତାଦୃଶ ଅପରାଧିକ କାର୍ଯ୍ୟକଳାପ ପାଇଁ ତାଙ୍କୁ ଗିରଫ କରିଥିଲେ ।

---

# ଗାଡି ଚେକିଂ ବେଳେ ପୁଲିସକୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ଗାଡି ଚେକିଂ ବେଳେ ପୁଲିସକୁ ଆକ୍ରମଣ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଗୋବିନ୍ଦ ବେହେରା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସ୍ମାର୍ଟ ସିଟି କଣ୍ଟ୍ରୋଲ ରୁମ୍‌ରୁ ମୈତ୍ରୀବିହାର ଥାନା କେସ୍ ନଂ.୪୬୫/୨୦୨୬ରେ ଏକ ମାରୁତି ସ୍ୱିଫ୍ଟ ଡିଜାୟାର୍ ଗାଡ଼ିକୁ ବେହେରାସାହି ଛକ ନିକଟରେ ପିସିଆର୍ କର୍ମଚାରୀ ଅଟକାଇଥିବା ସୂଚନା ମିଳିଥିଲା। ତଦନ୍ତକାରୀ ଅଧିକାରୀ ଏଏସଆଇ ପ୍ରଦୀପ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ମାଲିକ ତଥା ଚାଳକ ଅଭିଯୁକ୍ତ ଗୋବିନ୍ଦ ବେହେରାଙ୍କୁ ଗାଡ଼ି ସହ ଥାନାକୁ ଆସି ତଦନ୍ତରେ ସହଯୋଗ କରିବାକୁ କହିଥିଲେ। ଅଭିଯୋଗ ଅନୁଯାୟୀ, ଗୋବିନ୍ଦ ବେହେରା, ତାଙ୍କ ପତ୍ନୀ ସସ୍ମିତା ଖଟେଇ ଓ ଅନ୍ୟ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପୋଲିସକୁ ଗାଳିଗୁଲଜ କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଗୋବିନ୍ଦ ବେହେରାଙ୍କୁ ପୋଲିସ ହେପାଜତକୁ ନେବା ସମୟରେ ତାଙ୍କ ଶାଶୁ ବୋଲି କୁହାଯାଉଥିବା ଜଣେ ମହିଳା ତଦନ୍ତକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିବା ବେଳେ, ତାଙ୍କ ଭଉଣୀ ବୋଲି କୁହାଯାଉଥିବା ଅନ୍ୟ ଜଣେ ମହିଳା ଅଧିକାରୀଙ୍କୁ ଟଣାଓଟରା କରିଥିଲେ। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା।

# ଜମି କିଣାଇବା ନାଁରେ ୧.୪୭ କୋଟି ଟଙ୍କା ଠକେଇ: ସ୍ୱାମୀ-ସ୍ତ୍ରୀ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜମି କିଣାଇଦେବା ନାଁରେ ୧ କୋଟି ୪୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ କମିଶନରେଟ୍ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଶ୍ରୀମନ୍ତ କଳସ (୭୩) ଏବଂ ତାଙ୍କ ପତ୍ନୀ ସୌମ୍ୟା ସୁଭଦର୍ଶିନୀ କଳସ (୪୩)। ଉଭୟଙ୍କୁ ମଙ୍ଗଳବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରପୁର ଥାନାରେ ଏନେଇ କେସ୍ ନଂ ୫୫/୨୦୨୬, ତାରିଖ ୧୯.୦୧.୨୦୨୬ରେ ମାମଲା ରୁଜୁ ହୋଇଥିଲା। କୈବଲ୍ୟ ବିହାରର ବାସିନ୍ଦା ସୁଧୀର କୁମାର ପାଣିଗ୍ରାହୀ (୪୧) ଏହି ଠକେଇ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଶ୍ରୀମନ୍ତ କଳସ ନିଜକୁ ଜଣେ ଜମି ଦଲାଲ ବୋଲି ପରିଚୟ ଦେବା ସହ ଶହୀଦନଗରସ୍ଥିତ ପ୍ଲଟ୍ ନଂ ଏ-୩୫୭ର ମାଲିକଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା କହିଥିଲେ। ଏହି ଜମି କିଣାଇଦେବାର ପ୍ରତିଶ୍ରୁତି ଦେଇ ସେ ଅଭିଯୋଗକାରୀଙ୍କ ଠାରୁ ବିଭିନ୍ନ ସମୟରେ ଟଙ୍କା ନେଇଥିଲେ। ୧୫ ଜାନୁଆରୀ ୨୦୨୧ରୁ ୯ ଅଗଷ୍ଟ ୨୦୨୨ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କା ବ୍ୟାଙ୍କ ଜରିଆରେ ଏବଂ ୪୭ ଲକ୍ଷ ୬୦ ହଜାର ଟଙ୍କା ନଗଦ ଆକାରରେ ନିଆଯାଇଥିଲା। ତେବେ ଟଙ୍କା ନେବା ପରେ ଅଭିଯୁକ୍ତ ଜଣକ ବିଭିନ୍ନ ଆଳ ଦେଖାଇ ଜମିର ବିକ୍ରୟ ଦଲିଲ ପ୍ରସ୍ତୁତ ଓ ପଞ୍ଜୀକରଣ କରିବାରେ ଟାଳଟୁଳ କରିଥିଲେ। ପରେ ଅଭିଯୋଗକାରୀ ଖୋଳତାଡ଼ କରିବାରୁ ପ୍ରକୃତ ଜମି ମାଲିକଙ୍କ ସହ ଅଭିଯୁକ୍ତଙ୍କର କୌଣସି ଆଇନଗତ ସମ୍ପର୍କ ନଥିବା ଜଣାପଡ଼ିଥିଲା। ଏପରିକି ଜାଲ୍ ଓ ନକଲି କାଗଜପତ୍ର ବ୍ୟବହାର କରି ଠକେଇ କରାଯାଇଥିବା ତଦନ୍ତରୁ ସନ୍ଦେହ କରାଯାଇଛି। ତଦନ୍ତ ବେଳେ ଠକେଇ ଟଙ୍କାକୁ ଶିଳ୍ପ ପ୍ରତିଷ୍ଠାନରେ ବିନିଯୋଗ କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ଖୋର୍ଦ୍ଧାର ମୁକୁନ୍ଦପ୍ରସାଦସ୍ଥିତ 'ମେସର୍ସ ଶ୍ରୀଟେକ୍ ଇଣ୍ଡଷ୍ଟ୍ରିଜ୍' ଏବଂ ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟସ୍ଥିତ 'ସୋମ୍ୟାଶ୍ରୀ ମେଟାଲ୍ ଆଣ୍ଡ ମେସିନାରିଜ୍'ରେ ଏହି ଅର୍ଥ ବିନିଯୋଗ ହୋଇଥିବା ଜଣାପଡ଼ିଛି। ଏହି ଦୁଇଟି ଶିଳ୍ପ ସଂସ୍ଥାରେ ଅଭିଯୁକ୍ତା ସୌମ୍ୟା ସୁଭଦର୍ଶିନୀ କଳାସ ନିର୍ଦ୍ଦେଶିକା ଥିବା ତଦନ୍ତରୁ ଜଣାପଡ଼ିଛି। ମାମଲାର ତଦନ୍ତ ସମୟରେ ତଦନ୍ତକାରୀ ଅଧିକାରୀ ଅଭିଯୋଗକାରୀ ଓ ଅନ୍ୟ ସାକ୍ଷୀଙ୍କ ବୟାନ ବିଏନଏସଏସ୍‌ର ଧାରା ୧୮୦ ଅନୁଯାୟୀ ରେକର୍ଡ କରିବା ସହ ବିଭିନ୍ନ ଦସ୍ତାବିଜ୍ ଓ ବ୍ୟାଙ୍କ କାରବାର ସମ୍ପର୍କିତ ପ୍ରମାଣ ସଂଗ୍ରହ କରିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ୩୦ ମିନିଟ୍‌ରେ ପୁଲିସ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଓଡି-୦୨-ବିଭି-୩୪୧୩ ନମ୍ବର ବିଶିଷ୍ଟ ଏକ ମାରୁତି ୱାଗନ୍‌ଆର୍ କାର୍ ଜବତ କରାଯାଇଛି। ଏଥିସହ ମାମଲା ସମ୍ପର୍କିତ ଏମ୍‌ଓୟୁ ଦସ୍ତାବିଜ୍ ଓ ଅଭିଯୋଗକାରୀଙ୍କ ବ୍ୟାଙ୍କ କାରବାର ସମ୍ପର୍କିତ ତଥ୍ୟ ମଧ୍ୟ ଜବତ ହୋଇଛି। ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଳନ ପରେ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି। ଠକେଇ ଟଙ୍କାର ସମ୍ପୂର୍ଣ୍ଣ ଆର୍ଥିକ କାରବାରର ତଥ୍ୟ, ଠକେଇର ପରିମାଣ ଏବଂ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଛି।

# ଭାଡିଆରୁ ଖସିପଡି ଶ୍ରମିକଙ୍କ ମୃତ୍ୟୁ

କଣ୍ଟିଲୋ(ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳର ୮ନଂ ୱାର୍ଡ ଅଧୀନ ତଁଳାସାହିର ଶ୍ରମିକ ରବି ନାଏକ ଏକ ଗୃହ ନିର୍ମାଣ କାର୍ଯ୍ୟରେ ସୋମବାର ନିୟୋଜିତ ହୋଇଥିବା ବେଳେ ଅସାବଧାନତା ବଶତଃ ସେଠାରେ କାଠ ଭାଡିଆରୁ ତଳକୁ ଖସି ପଡି ଗୁରୁତର ଆହତ ହୋଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ଅନ୍ୟମାନେ ସଙ୍ଗେ ସଙ୍ଗେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ମୃତକଙ୍କ ପରିବାରବର୍ଗ ସଂପୂର୍ଣ୍ଣ ରୁପେ ଭାଙ୍ଗି ପଡିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ୱାର୍ଡବାସୀ ଦାବି କରିଛନ୍ତି।

# ୫ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ପୂର୍ବତନ ଜେଇଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଜଳେଶ୍ୱର (ନିପ୍ର): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କର୍ମର୍ଦ୍ଦା ଥାନା ଅନ୍ତର୍ଗତ ଦୁଡପଳ ଗ୍ରାମରେ ଥିବା ବାସୁଦେବ ନୋଡାଲ ଉପ୍ରା ବିଦ୍ୟାଳୟରେ ୨୩-୨୪ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସ୍କୁଲ ଘର ପାଇଁ ଅଟକଳ ମୂଲ୍ୟ ୬ ଲକ୍ଷ ଟଙ୍କା ଅର୍ଥ ରାଶି ଘୋଷଣା ହୋଇଥିଲା। ତତ୍କାଳୀନ ସରପଞ୍ଚଙ୍କ ତତ୍ତ୍ୱାବଧନରେ ତଳ ଛାତ ଓ ପିଲର ନିର୍ମାଣ ଶେଷ ହେଇଥିବା ବେଳେ ତତ୍କାଳୀନ ଜେଇ ଏମ ଏମ ପାତ୍ର ତଦାରଖ କରୁଥିଲେ। ତେବେ ସେ ନୟାଗଡ ବିଦ୍ୟୁତ ବିଭାଗକୁ ବଦଳି ହୋଇଥିଲା ବେଳେ ଆଜି ଦୁଡପଳ ବାସୁଦେବ ନୋଡାଲ ଉପ୍ରା ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଜେଇର ପରିଚୟ ଦେଇ ସ୍କୁଲ ଗୃହ ନିର୍ମାଣ ବାବଦରେ କଥା ହୋଇଥିଲେ । ବଳକା ଥିବା ୧ଲକ୍ଷ ୯୫ ହଜାର ଟଙ୍କା ରୁ ମାତ୍ର ୨୪ ହଜାର ଟଙ୍କାର କାମ ହେବ ଓ ଅବଶିଷ୍ଟ ଟଙ୍କା କଟି ଯାଇଥିବା କହିଥିଲେ। ଖବର ପାଇ ସ୍କୁଲ ସଭାପତି ଓ କମିଟି ମେମ୍ବର ତଥା ଗ୍ରାମବାସୀ ପହଞ୍ଚି ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲେ । ଗ୍ରାମବାସୀ ପ୍ରଶ୍ନ କରିବାରୁ ସତ କଥା ପଦାକୁ ଆସିଥିଲା। ଜେଇ ଓ ପୂର୍ବତନ ସରପଞ୍ଚ ଫଲ୍ସ ବିଲ କରି ସ୍କୁଲ ଟଙ୍କା ଆତ୍ମସାତ କରିବାର ଯୋଜନା କରିଥିବା ଅଟକ ଥିବା ଜେଇ ମାନି ନେଇଥିଲେ। ତେବ ଏହି ଘଟଣାରେ ବହୁତ ବଡ଼ ଲିଙ୍କ ଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

# ପ୍ରେମ ବିବାହକୁ ନେଇ ବଜାରରେ ହାଇଡ୍ରାମା, ଥାନାରେ ଉଭୟ ପକ୍ଷ ଅଟକ

ଧାମନଗର: ଧାମନଗର ଥାନାଠାରୁ ସାନବଜାର ପର୍ଯ୍ୟନ୍ତ ଏକ ପ୍ରେମ ବିବାହକୁ କେନ୍ଦ୍ର କରି ଦୀର୍ଘ ଅଧ ଘଣ୍ଟା ଧରି ତୀବ୍ର ଉତ୍ତେଜନା ଓ ହାଇଡ୍ରାମା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଧୁଷୁରୀ ଥାନା ଅନ୍ତର୍ଗତ ସୂର୍ଜୀପୁର ଗ୍ରାମର ସୁବାସ ଯେନା ଙ୍କ ପୁଅ ଆକାଶ ଯେନା, ସେହି ଥାନା ଅଞ୍ଚଳର ଭଟସାହି ଗ୍ରାମର କିଶୋର ଯେନାଙ୍କ ଝିଅ ସାରଥି ଯେନାଙ୍କୁ ଗତ ଦୁଇ ଦିନ ତଳେ ଅପହରଣ କରି ନେଇଥିବା ନେଇ ଝିଅଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଧାମନଗର ଥାନା ଅଧୀନ ସୋହଡା ଗ୍ରାମରେ ଝିଅ ଥିବା ସନ୍ଧାନ ପାଇ ତୁରନ୍ତ '୧୧୨' ଜରୁରୀକାଳୀନ ନମ୍ବରକୁ ଫୋନ୍ କରିଥିଲେ। ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରି ଥାନାକୁ ଆଣିଥିଲା। ତେବେ ଘଟଣାଟି ଧୁଷୁରୀ ଥାନା ଅଞ୍ଚଳର ହୋଇଥିବାରୁ ଧାମନଗର ପୋଲିସ ଉଦ୍ଧାର ଝିଅକୁ ଧୁଷୁରୀ ଥାନାକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରୁଥିବା ବେଳେ ଝିଅର ପରିବାର ଲୋକେ 'ଆମ ଝିଅକୁ ତୁରନ୍ତ ଆମକୁ ଫେରାଅ' ବୋଲି ଦାବି କରି ରାସ୍ତାରେ ହଙ୍ଗାମା ସୃଷ୍ଟି କରିଥିଲେ। ଧାମନଗର ସାନବଜାର ଅଞ୍ଚଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଓ ଉତ୍ତେଜନା ଯୋଗୁଁ ପ୍ରାୟ ଅଧ ଘଣ୍ଟା ଧରି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଧାମନଗର ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣି ଉଭୟ ପରିବାର ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଥାଉ କି ଆକାଶ ଓ ସାରଥି ଗତ ୨ ତାରିଖ ଦିନ ଭଦ୍ରକର ପ୍ରସିଦ୍ଧ ଲୋକନାଥ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ କରିବା ସହ ଭଦ୍ରକ ନୋଟାରୀ ରେ କୋର୍ଟ ମେରେଜ୍ କରିଥିବା ନେଇ ପ୍ରମାଣ ସାମ୍ନାକୁ ଆସିଛି। ମାତ୍ର ଝିଅର ବୟସ ନାବାଳିକା ଥିବା ସତ୍ତ୍ୱେ ତାଙ୍କୁ ଜୋରଜବରଦସ୍ତ ଅପହରଣ କରି ବିବାହ କରାଯାଇଛି ବୋଲି ଝିଅର ପରିବାର ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ଘଟଣାର ଅଧିକ ତଦନ୍ତ ଧୁଷୁରୀ ଓ ଧାମନଗର ପୋଲିସ ପକ୍ଷରୁ ଜାରି ରହିଛି।

# ଏବେବି ଭାପୁର ଅଞ୍ଚଳରେ ଚାଲିଛି କଙ୍ଗାରୁ କୋର୍ଟ

ଭାପୁର(ନିପ୍ର): ଭାପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ୍ୟ ଚଳଣିରେ ଏବେବି ଚାଲିଛି କଙ୍ଗାରୁ କୋର୍ଟ। ଆତଙ୍କ ଓ ସାମାଜିକ ଅବ୍ୟବସ୍ଥାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ହେଉଛି 'କଙ୍ଗାରୁ କୋର୍ଟ'। ନୟାଗଡ଼ ଅଞ୍ଚଳରେ ପ୍ରଚଳିତ ଏହି ଅନ୍ଧବିଶ୍ୱାସଭିତ୍ତିକ ଓ ଅସାମ୍ବିଧାନିକ ବିଚାର ବ୍ୟବସ୍ଥା ଗ୍ରାମର କିଛି ଅସାମାଜିକ ତତ୍ତ୍ୱଙ୍କୁ ନିଜର ପ୍ରଭାବ ଓ ପ୍ରଭୁତ୍ୱ ବିସ୍ତାର କରିବାର ସୁଯୋଗ ଦେଇଥାଏ। ଏହି ଗୋଷ୍ଠୀ ସରକାରୀ ସମ୍ପତ୍ତିର ଅପବ୍ୟବହାର ଓ ଲୁଟ୍‌ପାଟ୍ ମାଧ୍ୟମରେ ଗ୍ରାମବାସୀଙ୍କ ଉପରେ ନିଜର ଆଧିପତ୍ୟ ଜାହିର କରନ୍ତି। ଯେଉଁମାନେ ସେମାନଙ୍କ ଅନ୍ୟାୟ ଓ ଅବୈଧ ନିଷ୍ପତ୍ତିକୁ ବିରୋଧ କରନ୍ତି, ସେମାନଙ୍କୁ ସାମାଜିକ ବାସନ୍ଦ, ନିଆଁ-ପାଣି ବନ୍ଦ ଭଳି ଅମାନବୀୟ ଦଣ୍ଡ ସହିତ ସଂଗବଦ୍ଧ ଓ ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡ଼େ। ଏପରି ଅବୈଧ ସାମାଜିକ ବ୍ୟବସ୍ଥା କେବଳ ବ୍ୟକ୍ତିର ମୌଳିକ ଅଧିକାର ଓ ସ୍ୱାଧୀନତାକୁ କ୍ଷୁଣ୍ଣ କରେ ନାହିଁ, ବରଂ ସମାଜରେ ହିଂସା, ଭୟ ଓ ଅସ୍ଥିରତାକୁ ମଧ୍ୟ ପ୍ରୋତ୍ସାହିତ କରେ। ଏହି ଗୁରୁତର ସାମାଜିକ ସମସ୍ୟାର ନିରାକରଣ ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ ତ୍ୱରିତ ନ୍ୟାୟ ପ୍ରଦାନ, ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ।

# ନକଲି ଗୁଟଖା ଗୋଦାମ ଉପରେ ଚଢ଼ାଉ: ୫ ଗିରଫ




ବ୍ରହ୍ମପୁର: ବେଆଇନ ନିଷିଦ୍ଧ ତମାଖୁ ଓ ନକଲି ଗୁଟଖା କାରବାର ବିରୋଧରେ ବ୍ରହ୍ମପୁର ବଡ଼ବଜାର ପୁଲିସର ବଡ଼ ଧରଣର ଚଢ଼ାଉ। ବଡ଼ବଜାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ନିଷିଦ୍ଧ ଓ ଲେବଲବିହୀନ ଗୁଟଖା ଜବତ କରିଛି ପୁଲିସ। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନିଷିଦ୍ଧ ଓ ନିମ୍ନମାନର ତମାଖୁ ଉତ୍ପାଦ ସଂରକ୍ଷଣ ଏବଂ ବିକ୍ରୟ କରାଯାଉଥିବା ନେଇ ବଡ଼ବଜାର ପୁଲିସକୁ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା । ଏହାପରେ ପୁଲିସର ଏକ ଟିମ୍ ବଡ଼ବଜାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୌଡ଼ା ସାହି, ବାଛୁବାରୀ ସାହି ଓ ଶଙ୍କର ବଜାରରେ ଥିବା ତିନୋଟି ଖୁଚୁରା ଦୋକାନରେ ଯାଞ୍ଚ ବେଳେ ବିପୁଳ ପରିମାଣର ନିଷିଦ୍ଧ ଗୁଟଖା ଜବତ ହୋଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଗୋକୁଳ ଡିଲକ୍ସ ମିକ୍ସ ଏବଂ ବିନ୍ଦାସ ଗୋକୁଳ ଡିଲକ୍ସ ମିକ୍ସ ବ୍ରାଣ୍ଡର ଗୁଟଖା ରହିଛି। ଏହି ଗୁଟଖା ପ୍ୟାକେଟଗୁଡ଼ିକରେ ଉତ୍ପାଦନ ଓ ମିଆଦ ତାରିଖ ଉଲ୍ଲେଖ ନଥିବା ସହ ଲାଇସେନ୍ସ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ନଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି। ଏହି ଚଢ଼ାଉରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ନିଷିଦ୍ଧ ତମାଖୁ ଉତ୍ପାଦର ବେଆଇନ ସଂରକ୍ଷଣ ଓ ବିକ୍ରୟ ଉପରେ ରୋକ୍ ଲଗାଇବା ପାଇଁ ପୁଲିସର ଏଭଳି ଅଭିଯାନ ଜାରି ରହିବା ନେଇ ଆଶା କରାଯାଉଛି। ତେବେ ଏହି ବେଆଇନ କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ଏହି ଗୁଟଖା କେଉଁଠାରୁ ଆସୁଥିଲା, ସେ ନେଇ ଅଧିକ ତଦନ୍ତର ଆବଶ୍ୟକତା ରହିଛି।

# ବଡ଼ଓଷା ପାଇଁ କଟକ ଜିଲ୍ଲା ପ୍ରଶାସନର କଟକଣା ୧୯ରୁ ୨୪ ନଭେମ୍ବର ଯାଏଁ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ନିଷେଧ

କଟକ(ନିପ୍ର): ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତାୟାତ କଟକଣା ଜାରି କରାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୯ ନଭେମ୍ବର ମଧ୍ୟରାତ୍ରିରୁ ୨୪ ନଭେମ୍ବର ମଧ୍ୟରାତ୍ରି ପର୍ଯ୍ୟନ୍ତ ଟି-ବ୍ରିଜ୍‌କୁ 'ନୋ ଭେହିକିଲ୍ ଜୋନ୍' ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ, ବଡ଼ମ୍ବା ପାର୍ଶ୍ୱରୁ ବୈଦେଶ୍ୱର ପାର୍ଶ୍ୱକୁ ସଂଯୋଗ କରୁଥିବା ସମଗ୍ର ଟି-ବ୍ରିଜ୍‌ରେ କୌଣସି ଯାନବାହନ ଚଳାଚଳ କରିପାରିବ ନାହିଁ। ସେହିପରି ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ-ବୈଦେଶ୍ୱର ରାସ୍ତାର ବୈଦେଶ୍ୱର ଛକଠାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଏବଂ ଆମ୍ବୁଲାନ୍ସକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ବଡ଼ଓଷା ଓ ପଞ୍ଚକ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ବାବା ସିଂହନାଥଙ୍କ ଦର୍ଶନ ପାଇଁ ଆସୁଥିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା, ଟ୍ରାଫିକ୍ ବ୍ୟବସ୍ଥାର ସୁଚାରୁ ପରିଚାଳନା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେଣୁ ଉକ୍ତ ସମୟ ମଧ୍ୟରେ ଯାତାୟାତ କରୁଥିବା ଜନସାଧାରଣ ପ୍ରଶାସନର ନିୟମାବଳୀ ପାଳନ କରିବା ସହ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଉଦ୍‌ଘାଟିତ

## ବଡ଼ ସ୍ୱପ୍ନ ଦେଖ, ନୂଆ ରାସ୍ତା ଖୋଲିବାକୁ ସରକାର ତୁମ ସହ ଅଛନ୍ତି: ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୩/୧୧(ନିପ୍ର):** କଳିଙ୍ଗ ଷ୍ଟାଡିୟମ୍‌ର ପ୍ରାକ୍ଟିସ୍ ଗ୍ରାଉଣ୍ଡଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍ ?ଘାଟିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନେ ନିଜ ପ୍ରତିଭା ଓ ସୃଜନଶୀଳତା ପ୍ରଦର୍ଶନ କରୁଛନ୍ତି। ଉଦ୍‌ଘାଟନୀ ସମାରୋହରେ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଲୁନ୍ ଉଡ଼ାଇ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସକୁ ପ୍ରଶଂସା କରି ସେ ବଡ଼ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଶିଶୁଙ୍କୁ ମାନସମ୍ମାନ, ସୁଯୋଗ ଓ ଉପଯୁକ୍ତ ମାର୍ଗଦର୍ଶନ ଯୋଗାଇଦେବା ସହ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ ସରକାର ସବୁବେଳେ ସହଯୋଗ କରିବେ ବୋଲି ସେ କହିଥିଲେ।

# ବାଲିଯାତ୍ରା ହେବ ପ୍ଲାଷ୍ଟିକ ମୁକ୍ତ

ଭୁବନେଶ୍ୱର,୩।୧୧ : ଚଳିତ ବର୍ଷ ବାଲିଯାତ୍ରାକୁ ପ୍ଲାଷ୍ଟିକ ମୁକ୍ତ କରାଯିବ। ଏଥିସହ ଓଡ଼ିଶା ରୁରାଲ ଡେଭେଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଙ୍ଗ ସୋସାଇଟି (ଓରମାସ୍) ତରଫରୁ ୫୦୦ଟି ଷ୍ଟଲ୍ କରାଯିବ। ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ବାଲିଯାତ୍ରା ପଡ଼ିଆର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବ। ସେହିପରି ରାଜ୍ୟ ପୁସ୍ତକ ମହୋତ୍ସବରେ କପିଳେନ୍ଦ୍ର ଦେବଙ୍କ ଜୀବନୀ, ବନ୍ଦେ ମାତରମ୍ ଓ ଜ୍ଞାନଭାରତମ୍ ଥିମ୍‌କୁ ନେଇ ନିର୍ମାଣ ହେବ ପାଭିଲିୟନ। କଟକର ଐତିହାସିକ ବାଲିଯାତ୍ରାର ଏବଂ ରାଜ୍ୟ ପୁସ୍ତକ ମହୋତ୍ସବ ଆୟୋଜନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଧ୍ୟକ୍ଷତା କରିଥିଲେ।ସମୀକ୍ଷା ବୈଠକରେ କଟକର ଐତିହାସିକ ବାଲିଯାତ୍ରାର ଆୟୋଜନକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ କଟକରେ ବାଲିଯାତ୍ରା ଆୟୋଜିତ ହେବ। ଚଳିତ ବର୍ଷ ବାଲିଯାତ୍ରାର ଆୟୋଜନ ପାଇଁ ସରକାରଙ୍କ ତରଫରୁ ୧୦ କୋଟି ଟଙ୍କା ଅର୍ଥରାଶି ପ୍ରଦାନ ପାଇଁ ପ୍ରସ୍ତାବ ରହିଛି । ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦୁଇଟି ମଞ୍ଚ ରହିବ। ବାଲି ଦେଶରୁ ଏକ ପ୍ରତିନିଧି ମଣ୍ଡଳୀ ଚଳିତ ବର୍ଷ ବାଲିଯାତ୍ରାକୁ ଆସିବାର ମଧ ଯୋଜନା ରହିଛି। ଏଥିସହ କଟକ-ଇନ୍-କଟକରେ ବାଲି ଓ ପ୍ରାଚୀନ କଳିଙ୍ଗ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସାମଞ୍ଜସ୍ୟକୁ ପ୍ରଦର୍ଶିତ କରାଯିବ। ବାଲି ଓ କଳିଙ୍ଗ ମଧ୍ୟରେ ରହିଥିବା ଭାଷା, ଖାଦ୍ୟ, ବସ୍ତ୍ର, ତାଳପତ୍ର ଓ ଲୋଣ୍ଠାର ମଧ୍ୟରେ ରହିଥିବା ସାମଞ୍ଜସ୍ୟକୁ କଟକ-ଇନ୍-କଟକ ପାଭିଲିୟନରେ ପ୍ରଦର୍ଶିତ କରାଯିବା ସହ ଏକ ଡିଜିଟାଲ ଇନ୍ଫରମେସନ୍ ୱାଲ୍ ମଧ ରହିବ ବୋଲି ଜଣାପଡିଛି ।

# ନାଲ୍‌କୋର ନିଟ୍ ଲାଭ ୫୪% ବୃଦ୍ଧିହେଲା



**ଭୁବନେଶ୍ୱର/୩/୧୧(ନିପ୍ର):** ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ଶ୍ରେଷ୍ଠ ଆର୍ଥିକ ପ୍ରଦର୍ଶନ କରିଛି। ମୋଟ ଆୟ, ଏବିଟା, କର ପୂର୍ବବର୍ତ୍ତୀ ଲାଭ ଓ କର ପରବର୍ତ୍ତୀ ଲାଭ କ୍ଷେତ୍ରରେ କମ୍ପାନୀ ନୂତନ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲକୋର ମୋଟ ଆୟ ୩୩% ବୃଦ୍ଧି ପାଇ ୧୧,୧୪୩ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ସମାନ ଅବଧିରେ ଏହା ୮,୩୭୪ କୋଟି ଟଙ୍କା ଥିଲା। ସେହିପରି ଏବିଟା ୫୦% ବୃଦ୍ଧି ପାଇ ୫,୫୩୯ କୋଟି ଟଙ୍କା ହୋଇଥିବାବେଳେ କର ପୂର୍ବବର୍ତ୍ତୀ ଲାଭ ୫୫% ବୃଦ୍ଧି ପାଇ ୫,୧୬୦ କୋଟି ଏବଂ ନିଟ୍ ଲାଭ ୫୪% ବୃଦ୍ଧି ପାଇ ୩,୮୩୭ କୋଟି ଟଙ୍କାରେ ପହଞ୍ଚିଛି। ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୨୮% ବୃଦ୍ଧି ପାଇ ୧,୮୩୫ କୋଟି ଟଙ୍କା ହୋଇଛି। ଗତବର୍ଷ ସମାନ ଅବଧିରେ ଏହା ୧,୪୩୩ କୋଟି ଟଙ୍କା ଥିଲା। ଏହି ତ୍ରୈମାସିକରେ ପରିଚାଳନାଗତ ମୋଟ ଆୟ ୨୬% ବୃଦ୍ଧି ପାଇ ୫,୪୧୯ କୋଟି ଟଙ୍କାରେ ପହଞ୍ଚିଛି। ନଭେମ୍ବର ୨ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଅପରୀକ୍ଷିତ ଆର୍ଥିକ ଫଳାଫଳରୁ ଏହି ତଥ୍ୟ ପ୍ରକାଶ ପାଇଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାରେ ଶତ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ



**ବ୍ରହ୍ମପୁର, ୩/୧୧(ନିପ୍ର):** ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ବ୍ୟାହତ ହୋଇଥିବା ବିଦ୍ୟୁତ୍ ଯୋଗାଣର ପୁନରୁଦ୍ଧାରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବୌଦ୍ଧ, ରାୟଗଡ଼ା, ଗଜପତି, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର—ଏହି ୬ଟି ଜିଲ୍ଲାରେ ସମସ୍ତ ପ୍ରଭାବିତ ଉପଭୋକ୍ତାଙ୍କ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି। ଗଞ୍ଜାମରେ ୯୮.୪୮% ଓ କନ୍ଧମାଳରେ ୯୯.୭୮% ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। କମ୍ପାନୀର ୮ଟି ଜିଲ୍ଲାରେ ମୋଟ ୧୭,୮୮,୯୪୨ ଜଣ ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୧୭,୭୫,୯୭୫ ଜଣଙ୍କ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ ହୋଇଛି। ଏହା ମୋଟ ପ୍ରଭାବିତ ଉପଭୋକ୍ତାଙ୍କ ୯୯.୨୮%। ଏଥିସହ ୪୬ଟି ୩୩ କେଭି ଫିଡର, ୧୩୦ଟି ୩୩/୧୧ କେଭି ସବ୍‌ଷ୍ଟେସନ୍ ଓ ୬୫୮ଟି ୧୧ କେଭି ଫିଡରର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ବ୍ୟାପକ କାର୍ଯ୍ୟରେ ପ୍ରାୟ ୬,୫୦୦ କର୍ମଚାରୀ, ୪୦୦ଟି ଯାନବାହନ, ୬ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍ ଓ ୧୬ଟି ଟ୍ରାଞ୍ଜିଟ୍ ଷ୍ଟୋର ନିୟୋଜିତ ହୋଇଛନ୍ତି। ଏହି ସଫଳତା ସମ୍ପର୍କରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ କୁମାର ଗର୍ଗ କହିଛନ୍ତି, ୬ଟି ଜିଲ୍ଲାରେ ଶତ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରିବା ନିରନ୍ତର ପ୍ରୟାସର ଫଳ। କ୍ଷେତ୍ର କର୍ମଚାରୀ, ଇଞ୍ଜିନିୟର ଓ ସହାୟକ ଦଳର ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇଛି। ଗଞ୍ଜାମ ଓ କନ୍ଧମାଳର ଅବଶିଷ୍ଟ ପ୍ରଭାବିତ ଉପଭୋକ୍ତାଙ୍କ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଦଳଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି।

# କୋଇଲା ମନ୍ତ୍ରଣାଳୟର 'ଷ୍ଟାର୍ ରେଟିଂ ଆୱାର୍ଡ'ରେ ଏମ୍‌ସିଏଲ୍‌ର ସଫଳତା




**ସମ୍ବଲପୁର, ୩/୧୧(ନିପ୍ର):** କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ଆୟୋଜିତ 'ଷ୍ଟାର୍ ରେଟିଂ ଆୱାର୍ଡ'ରେ ମହାନଦୀ କୋଲଫିଲ୍ଡ୍‌ସ୍ ଲିମିଟେଡ୍ (ଏମ୍‌ସିଏଲ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ମୋଟ ୧୪ଟି କୋଇଲା ଖଣିକୁ ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୬ଟି ଖଣି ୫-ଷ୍ଟାର ୬ଟି ୪-ଷ୍ଟାର୍ ଏବଂ ୨ଟି ଖଣି ୩-ଷ୍ଟାର୍ ମାନ୍ୟତା ପାଇଛି। ରାୟପୁରଠାରେ ଆୟୋଜିତ ସମାରୋହରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କଠାରୁ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷଙ୍କ ସମେତ କୋଇଲା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୫-ଷ୍ଟାର୍ ମାନ୍ୟତା ପାଇଥିବା ଖଣିଗୁଡ଼ିକ ହେଲା ଲାଜକୁରା, ସିଆରମାଳ, ଅନନ୍ତ, ଲିଙ୍ଗରାଜ, ସମଲେଶ୍ୱରୀ ଓପନକାଷ୍ଟ ଖଣି ଏବଂ ହୀରାଖଣ୍ଡ ବୁନ୍ଦିଆ ଭୂତଳ ଖଣି। ସେହିପରି ଗର୍ଜନବାହାଲ, ଗୋପାଳଜୀ-କଣିହାଁ ସମ୍ପ୍ରସାରଣ, ଭୁବନେଶ୍ୱରୀ, ହିଙ୍ଗୁଳା, ଜଗନ୍ନାଥ କୋଲିୟାରୀ ଓ ନନ୍ଦିରା ଖଣିକୁ ୪-ଷ୍ଟାର୍ ମାନ୍ୟତା ମିଳିଛି। ବସୁନ୍ଧରା ୱେଷ୍ଟ ଓପନକାଷ୍ଟ ଓ ଭରତପୁର ଖଣି ୩-ଷ୍ଟାର୍ ରେଟିଂ ହାସଲ କରିଛନ୍ତି।

# ମା' ଉଗ୍ରତାରାଙ୍କ ହୁଣ୍ଡିରୁ ମୋଟ ୮ ଲକ୍ଷ ୪୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସଂଗୃହୀତ

**ନିରାକାରପୁର,୩/୧୧(ନିପ୍ର):** ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତନ୍ତ୍ରପୀଠ ତଥା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଭୂଷଣ୍ଡପୁର ନିକଟସ୍ଥ ମୂଳିଝର ଗଡ଼ରେ ବିରାଜମାନ ମା' ଉଗ୍ରତାରାଙ୍କର ଆଜି ଶ୍ରଦ୍ଧାଳୁଙ୍କ ଦାନ ହୁଣ୍ଡି ଖୋଲାଯାଇଛି।ପ୍ରଥମେ ମା' ଉଗ୍ରତାରାଙ୍କ ନିକଟରେ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଆସିବା ପରେ ହୁଣ୍ଡି ଖୋଲାଯାଇଥିଲା। ଏହାପରେ ମନ୍ଦିର କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା ଟଙ୍କା ଗଣତି କାର୍ଯ୍ୟ। ଦୀପାବଳି ଅମାବାସ୍ୟା ପୂର୍ବରୁ ଏହି ହୁଣ୍ଡି ଗଣତି ପ୍ରକ୍ରିୟା ଶେଷ କରାଯାଇଥିବା ବେଳେ



ମୋଟ ୮ ଲକ୍ଷ ୪୫ ହଜାର ୪୩୦ ଟଙ୍କା ସଂଗୃହୀତ ହୋଇଛି। ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏବଂ ଟାଙ୍ଗୀ ପୋଲିସର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ଗଣତି ସମ୍ପନ୍ନ ହୋଇଥିଲା। ଏଥିରେ ମନ୍ଦିର କମିଟିର କାର୍ଯ୍ୟକର୍ତ୍ତା କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ରଘୁନାଥ ରାଉତରାୟ, ନିତ୍ୟାନନ୍ଦ ବେହେରା, ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଏସଏସଜି ମହିଳାମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ।ହୁଣ୍ଡିରୁ ଆଦାୟ ହୋଇଥିବା ସମସ୍ତ ଅର୍ଥକୁ ମା'ଙ୍କ ମନ୍ଦିର ଜମା ଖାତାରେ ଜମା ରଖାଯିବ ବୋଲି ମନ୍ଦିର ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# ୫ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା

ଭାପୁର,୩/୧୧(ନିପ୍ର): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଭାପୁର ବ୍ଲକର ୫ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରୂପେ ମାନ୍ୟତା ଦେଇଛନ୍ତି। ଏହି ସ୍ୱୀକୃତି ଭାପୁର ବ୍ଲକର ଶିକ୍ଷାରମାନ ବୃଦ୍ଧି କରିବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷା,ଆଧୁନିକ ଏବଂ ଉନ୍ନତ ଶିକ୍ଷାର ନୂତନ ଦିଗଦର୍ଶନ ଦେବ। ଭାପୁର ବ୍ଲକର ୫ଟି ବିଦ୍ୟାଳୟର ନାମ ହେଲା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜିପୁର,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଇଗୁଣିଆ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାପୁର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶାଳପଡା ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ କରବର। ଏହି ବିଦ୍ୟାଳୟ ଗୁଡିକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା ପାଇଥିବାରୁ ଶିକ୍ଷାବିତଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

## ବନ୍ୟାରେ ବୁଡ଼ି ଛାରଖାର ଆସିକା ବ୍ଲକ କାର୍ଯ୍ୟାଳୟ

**ଆସିକା,୩/୧୧(ନିପ୍ର):** ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଆସିକା ବ୍ଲକ କାର୍ଯ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବନ୍ୟାଜଳରେ କାର୍ଯ୍ୟାଳୟ ଜଳମଗ୍ନ ହେବା ଫଳରେ ବିଭିନ୍ନ ବିଭାଗର ସରକାରୀ ଦସ୍ତାବିଜ, କାଗଜପତ୍ର ଓ ଯନ୍ତ୍ରପାତି ନଷ୍ଟ ହୋଇଛି। ବ୍ଲକର ଗ୍ରାମପଞ୍ଚାୟତ ବିଭାଗ, କୋଷାଧ୍ୟକ୍ଷ ସେକ୍ସନ, ଯନ୍ତ୍ରୀ ସେକ୍ସନ ଓ ବିଡିଓଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ବିଭାଗରେ ବନ୍ୟାଜଳ ପଶି ବହୁ ସାମଗ୍ରୀ କ୍ଷତିଗ୍ରସ୍ତ କରିଛି। ବିଶେଷକରି ସରକାରୀ ରେକର୍ଡ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କିତ ଦସ୍ତାବିଜ ନଷ୍ଟ ହେବା ଯୋଗୁଁ ଆଗାମୀ ଦିନରେ ପ୍ରଶାସନିକ କାର୍ଯ୍ୟରେ ସମସ୍ୟା ଉପୁଜିବା ଆଶଙ୍କା ଦେଖାଦେଇଛି।


# ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ଯୋଗଦେଲେ ସ୍ମିତା କର

**ଭୁବନେଶ୍ୱର, ୦୩/୧୧(ନିପ୍ର):** ସ୍ମିତା କର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ଯୋଗ ଦେଇଛନ୍ତି । ଶ୍ରୀମତୀ କର ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । ପଦୋନ୍ନତି ପାଇବା ପରେ ସେ ଏହି ଦାୟିତ୍ୱ ନିର୍ବାହ କରିବେ । ସେହିପରି ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପଦୋନ୍ନତି ପାଇ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଭୟ ଅଧିକାରୀଙ୍କୁ ଭେଟି ସୂଚନା ସେବା ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଭାଗର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୃଢ଼ ପ୍ରୟାସ କରିବେ ବୋଲି ଶ୍ରୀମତୀ କର ଓ ଶ୍ରୀମତୀ ମହାପାତ୍ର କହିଛନ୍ତି ।

# ବାତ୍ୟା ବିପନ୍ନଙ୍କୁ ପ୍ରଶାସନର ସାହାଯ୍ୟ ସହଯୋଗ ମିଳୁ ନ ଥିବାରୁ ରାସ୍ତା ରୋକ

**ଆସିକା,୩/୧୧(ନିପ୍ର):** ଆସିକାରେ ବନ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କ ପାଇଁ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି । ଆସିକା ସହର ସାଙ୍ଗକୁ ବିଭିନ୍ନ ପଞ୍ଚାୟତ ବନ୍ୟାରେ ପ୍ରଭାବିତ ହୋଇଥିଲା । ଆସିକା ବ୍ଲକ ନଳବଣ୍ଟା ଗ୍ରାମ ପଞ୍ଚାୟତ ବନ୍ୟାରେ ଅଧିକ ପ୍ରଭାବିତ ହୋଇଥିବା ସତ୍ତ୍ୱେ ସରକାରୀ ସହାୟତା ପହଞ୍ଚି ପାରିନଥିବା ଯୋଗୁଁ ଲୋକେ ଉତ୍ତେଜିତ ହୋଇଥିଲେ। ଗ୍ରାମବାସୀ କହିବା ମୁତାବକ ବନ୍ୟା ପାଇଁ ଆସିଥିବା ଏନଡିଆରଏଫ ଟିମକୁ ଖାଦ୍ୟ ଯୋଗାଇବା, ଗୋଟିଏ ସରକାରୀ ବସ ବନ୍ୟାରେ ଭାସି ଯାଉଥିବା ବେଳେ ଆମ ଗ୍ରାମବାସୀ ଉଦ୍ଧାର କରିଥିବା ସତ୍ତ୍ୱେ ବିଧାୟକ କେଉଁ ଭଳି ଭାବେ କହୁଛନ୍ତି ଯେ ଆମ ପଞ୍ଚାୟତର କିଛି କ୍ଷତି ହୋଇନାହିଁ। ଏହି ସମସ୍ତ ବିଷୟକୁ ଭିତ୍ତିକରି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ଜାତୀୟ ରାଜପଥ- ୫୯ ଉପରେ କାଠଗଣ୍ଡି ରଖି ଅବରୋଧ କରିଥିଲେ। ବ୍ରହ୍ମପୁର-ଆସିକା ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ହୋଇ ରହିଥିଲା ଓ ରିଲିଫ ନ ମିଳିବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ଉପରେ ବସିବାକୁ ନିଷ୍ପତ୍ତି ନେଇଥିଲେ ।


# ୧୧ରୁ ୨୨ ନଭେମ୍ବର ଯାଏଁ ରାଜ୍ୟବ୍ୟାପୀ ଜନଜାତୀୟ ଗୌରବ ଦିବସ ଅଭିଯାନ



**ଭୁବନେଶ୍ୱର, ୩/୧୧(ନିପ୍ର):** ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜୟନ୍ତୀ ଉପଲକ୍ଷେ ନଭେମ୍ବର ୧୧ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜନଜାତୀୟ ଗୌରବ ଦିବସ ଅଭିଯାନ ପାଳନ କରାଯିବ। ଏନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ପ୍ରସ୍ତୁତି କର୍ମଶାଳାରେ ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସାଂସଦ ମାନ୍ନାଲାଲ୍ ରାୱତ୍ ସୂଚନା ଦେଇଛନ୍ତି। ରାୱତ୍ କହିଛନ୍ତି ଯେ, ଜନଜାତି ସମାଜର ଅସ୍ମିତା, ସ୍ୱାଭିମାନ ଓ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ଏହି ଅଭିଯାନ ଆୟୋଜନ କରାଯାଉଛି। ଏହା ମାଧ୍ୟମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ, ଦେଶପ୍ରେମ ଓ ବଳିଦାନର ଗାଥା ଘରେ ଘରେ ପହଞ୍ଚାଯିବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକଙ୍କ ସମେତ ଇତିହାସରେ ଉପଯୁକ୍ତ ସ୍ଥାନ ପାଇନଥିବା ଅଜ୍ଞାତ ଆଦିବାସୀ ସଂଗ୍ରାମୀଙ୍କ ବୀରତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ହେବ। ଅଭିଯାନର ପୂର୍ବ ସନ୍ଧ୍ୟା ନଭେମ୍ବର ୧୪ରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜନଜାତୀୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀଗୁଡ଼ିକର ସଫେଇ ସହ ବିଶାଳ ଦୀପୋତ୍ସବ ଆୟୋଜନ କରାଯିବ।

# ସମେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୧.୪୦ କୋଟି ଟଙ୍କା ମଞ୍ଜୁର

**କାକଟପୁର, ୩/୧୧(ନିପ୍ର):** କାକଟପୁର ଅଞ୍ଚଳର ଧାର୍ମିକ ଓ ଐତିହାସିକ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। କାକଟପୁରର ପ୍ରସିଦ୍ଧ ଶୈବପୀଠ ଶ୍ରୀସମେଶ୍ୱର ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୪୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅର୍ଥରେ ମନ୍ଦିରର ସର୍ବାଙ୍ଗୀନ ବିକାଶ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିକରଣ କରାଯିବାକୁ ଯୋଜନା ରହିଛି। ଏହି ଅବସରରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ସମେଶ୍ୱର ମନ୍ଦିର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମନ୍ଦିରର



ପାରିପାର୍ଶ୍ୱିକ ପରିବେଶରେ ସୁଧାର ଆସିବା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ଏଥିସହିତ ଏହି ପ୍ରାଚୀନ ଶୈବପୀଠର ଧାର୍ମିକ ମର୍ଯ୍ୟାଦା ଓ ପର୍ଯ୍ୟଟନ ଆକର୍ଷଣ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶକୁ ମଧ୍ୟ ନୂତନ ଦିଗ ମିଳିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି। ସେହିପରି କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତରେ ଅବସ୍ଥିତ ପ୍ରାଚୀନ କୁରୁମ ବୌଦ୍ଧପୀଠର ଉନ୍ନତିକରଣ ପାଇଁ ମଧ୍ୟ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଭୟ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଦ୍ୱାରା ଅଞ୍ଚଳର ଶୈବ ଓ ବୌଦ୍ଧ ଐତିହ୍ୟର ସଂରକ୍ଷଣ ସହ ପର୍ଯ୍ୟଟନର ବିକାଶ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହେବ।

# ଅବସରପ୍ରାପ୍ତ ହାବିଲଦାରଙ୍କୁ ଶ୍ରଦ୍ଧାଞ୍ଜଳି

**ନିମାପଡ଼ା, ୩/୧୧(ନିପ୍ର):** ଆଡ଼େଣା ଗ୍ରାମର ସମାଜସେବୀ, ଅଗ୍ରଣୀ ଚାଷୀ ତଥା ଅବସରପ୍ରାପ୍ତ ଅଗ୍ନିଶମ ହାବିଲଦାର ସ୍ୱର୍ଗତ ମଧୁସୂଦନ ରାଉତଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପ୍ରମୋଦ ପାଇକରାୟଙ୍କ ଅଧ୍ୟକ୍ଷତାରେ ସଭାରେ ବହୁ ବୁଦ୍ଧିଜୀବୀ, ସମାଜସେବୀ ଓ ଜନପ୍ରତିନିଧି ଯୋଗଦେଇ ତାଙ୍କ ସମାଜସେବା ଓ ଜନହିତକର କାର୍ଯ୍ୟକୁ ସ୍ମରଣ କରିଥିଲେ। ଗରିବ ଓ ଅସହାୟଙ୍କୁ ସହଯୋଗ ସହ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ତାଙ୍କ ଉଦ୍ୟମକୁ ପ୍ରଶଂସା କରି ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ରଷିକୂଲ୍ୟା ନଦୀରେ ଭାସି ଯୁବକଙ୍କ ମୃତ୍ୟୁ

**ଆସିକା,୩/୧୧(ନିପ୍ର):** ଆସିକା ରଷିକୂଲ୍ୟା ନଦୀରେ ଗାଧୋଇବା ସମୟରେ ପ୍ରଖର ସ୍ରୋତରେ ଭାସିଯାଇ ଜଣେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା କୁମ୍ଭାର ସାହିର କୈଳାସ ବେହେରାଙ୍କ ପୁଅ ସଞ୍ଜୟ କୁମାର ବେହେରା। ବାତ୍ୟା 'ଅର୍ଣ୍ଣବ' ଜନିତ ବନ୍ୟା ପରେ ନଦୀରେ ପ୍ରବଳ ସ୍ରୋତ ରହିଥିବା ବେଳେ ସ୍ନାନ ଓ ଶୌଚ ପାଇଁ ଯାଇଥିବା ସମୟରେ ଅସାବଧାନତାବଶତଃ ସେ ଭାସିଯାଇଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତେବେ ସାହିର କେତେକ ଯୁବକ ସାହସିକତାର ସହ ନଦୀରୁ ସଞ୍ଜୟଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଆମ୍ବୁଲାନ୍ସ ନମିଳିବାରୁ ତାଙ୍କୁ ମୋଟରସାଇକେଲ୍ ଯୋଗେ ଅସ୍ଥାୟୀ ମେଡିକାଲକୁ ନିଆଯାଇଥିଲା। ସେଠାରେ ଜରୁରୀ ଚିକିତ୍ସା ସୁବିଧା ନଥିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୨୩ କେଜି ଗଞ୍ଜେଇ, ୯,୯୫୮ ଲିଟର ଚୋରା ଦେଶୀମଦ ଓ ଗାଡ଼ି ଜବତ

**ଆଠଗଡ଼, ୩/୧୧(ନିପ୍ର):** କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ରେଞ୍ଜ ପକ୍ଷରୁ ଅକ୍ଟୋବର ମାସରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଓ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ୪୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସି.ଏଚ୍. ତିରୁପତି ଓ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୧୨୩ କେଜି ଗଞ୍ଜେଇ, ୯,୯୫୮ ଲିଟର ଚୋରା ଦେଶୀମଦ, ୬୨ ଲିଟର ବିଦେଶୀ ମଦ ଓ ୬୨ ଲିଟର ବିୟର ଜବତ ହୋଇଛି। ଏଥିସହ ୪ଟି ବାଇକ୍ ଓ ଗୋଟିଏ ସୁଇଫ୍ଟ କାର ଜବତ କରାଯାଇଛି।

**AFFIDAVIT**

By virtue of an affidavit sworn before The Executive Magistrate, Sundargarh affidavit no.3188 dtd.31.10.2026, I, Gunia Oram S/o-Late Etua Oram Vill-Tedgamuhan Po-Rajpur, Ps-Sadar, Dist-Sundargarh, Odisha-770020 do hereby declare that, I have changed my daughter's name from Rajani Oram to Geeta Oram. Both Rajani Oram & Geeta Oram are one & the same person. Henceforth I my daughter shall be known as Geeta Oram for all purposes.

Sd/-Gunia Oram

# ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା: ବର୍ଗଫୁଟ ପିଛା ୧୩୦୦ ଟଙ୍କା ଛୁଇଁଲା ଦର

**କଟକ, ୩/୧୧(ନିପ୍ର):** ଐତିହାସିକ କଟକ ବାଲିଯାତ୍ରାକୁ ନେଇ ଏବେଠାରୁ ଜମିଲାଣି ଉତ୍ସାହ। ପ୍ଲଟ୍ ପଞ୍ଜିକରଣ ପ୍ରକ୍ରିୟା ଶେଷ ହେବା ପରେ ନଭେମ୍ବର ୨ ତାରିଖରୁ ଆରମ୍ଭ ହୋଇଛି ପ୍ଲଟ୍ ନିଲାମି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ନିଲାମି ପ୍ରକ୍ରିୟା ଚାଲିବ। ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ନିଲାମି ପ୍ରକ୍ରିୟାରେ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳୁଛି । ମଙ୍ଗଳବାର ସୁଦ୍ଧା ୫୩୬ ଟି ପ୍ଲଟର ନିଲାମି ଶେଷ ହୋଇଥିବାବେଳେ ସର୍ବାଧିକ ବର୍ଗଫୁଟ ପିଛା ୧୩୦୦ ଟଙ୍କାରେ ପ୍ଲଟ୍ ନିଲାମ ହୋଇଥିବା ଜଣାପଡ଼ିଛି। ନିଲାମି ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି। ବିଭିନ୍ନ ବ୍ଲକ୍ ପାଇଁ ଅଲଗା ଅଲଗା ସ୍ଥାନରେ ନିଲାମି ବ୍ୟବସ୍ଥା କରାଯାଇଛି। ଜଣେ ଆବେଦନକାରୀ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଅନଲାଇନ୍ ?ରେ ଆବେଦନ କରିବାର ବ୍ୟବସ୍ଥା ରହିଥିଲା। ପ୍ରତିଦିନ ସକାଳ ୧୦ଟାରୁ ନିଲାମି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି। ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରଖାଯାଇଛି। ଅନ୍ୟପକ୍ଷରେ, ନିଲାମିରେ ଭାଗ ନେବା ପାଇଁ ପଞ୍ଜିକରଣ କରିଥିବା ଆବେଦନକାରୀ ଯଦି ନିଲାମିରେ ଅଂଶଗ୍ରହଣ ନକରନ୍ତି, ତେବେ ସେମାନେ ଦାଖଲ କରିଥିବା ଫି' ଫେରସ୍ତ ପାଇବେ ନାହିଁ ବୋଲି ସୂଚନା ମିଳିଛି ।

26001/64/2627

Website: - Gajapati.nic.in
e-mail: itdapla@nic.in
itdapla@gmail.com
Tel :-06815-222207

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା : ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା-୭୬୧୨୦୦

**INTEGRATED TRIBAL DEVELOPMENT AGENCY: PARALAKHEMUNDI**
**(ST & SC DEVELOPMENT DEPARTMENT)**
**DISTRICT: GAJAPATI, ODISHA, PIN-761200**

**EXPRESSION OF INTEREST NOTICE NO.3376,31.10.2026**

Integrated Tribal Development Agency, Paralakhemundi invites **Expression of Interest** from reputed and experienced Odisha-based Chartered Accountant Firms empanelled with **C&AG** for conducting statutory audit of **ITDA, Paralakhemundi** for the Financial Years **2024-25 & 2025-26.** EOI along with all the documents shall be submitted by the interested firms through **Speed Post/Registered Post only** to: **The Project Administrator, ITDA, Paralakhemundi, District-Gajapati, Odisha.** The detailed Terms & Conditions and formats to be filled along with the Bid documents will be available in the **Gajapati District Website** i.e.www.gajapati.odisha.gov.in from **2.11.2026 to 16.11.2026.**

- **Last date for submission of EOI:** 16.11.2026 up to 04.00 PM through Speed/Registered Post only.
- **Opening of EOI:** 16.11.2026 at 4.00 PM in the Office Chamber of PA, ITDA, Paralakhemundi.
- The details of the eligibility criteria and formats to be filled are annexed with the EOI.

Project Administrator,
ITDA, Paralakhemundi.

OIPR 26001/26078/1/26-27/0002

**Suryo Foods & Industries Limited**
**CIN: L05004OR1989PLC002264**
**Extract Of Financial Results For The Quarter Ended On Sep 30, 2026**

Key numbers of Financial Results (Rs. in Thousands)

| Sl. No. | Particulars | Quarter Ended | | | Half year Ended | | Year Ended |
|---|---|---|---|---|---|---|---|
| | | 30.09.2026 (Un-Audited) | 30.06.2026 (Un-Audited) | 30.09.2025 (Un-Audited) | 30.09.2026 (Un-Audited) | 30.09.2025 (Un-Audited) | 31.03.2026 Audited |
| 1 | Total Revenue from Operations | - | - | - | - | - | - |
| 2 | Net Profit / (Loss) (before Tax, Exceptional and/or Extraordinary items) | 364 | (187) | 512 | 178 | 697 | (2,874) |
| 3 | Net Profit / (Loss) before Tax (after Exceptional and/or Extraordinary items) | 364 | (187) | 512 | 178 | 697 | (2,874) |
| 4 | Net Profit / (Loss) after Tax (after Exceptional and/or Extraordinary items) | 364 | (187) | 512 | 178 | 697 | (3,180) |
| 5 | Total Comprehensive Income [Comprising Profit / (Loss) after tax and Other Comprehensive Income after tax] | 364 | (187) | 512 | 178 | 697 | (3,180) |
| 6 | Equity Share Capital | 69,300 | 69,300 | 39,600 | 69,300 | 39,600 | 69,300 |
| 7 | Earnings per share (of Rs 10/- each) Basic & Diluted (Rs.) | 0.05 | (0.03) | 0.13 | 0.03 | 0.18 | (0.46) |

Notes :

a) The above financial results of the Company for the quarter and half year ended Sep 30, 2026 have been audited and recommended by the audit Committee and approved by the Board of Directors of the Company in their respective meetings held on 2nd November, 2026. These results are being published in accordance with Regulation 33 of the SEBI (Listing Obligations and Disclosure Requirements) Regulations, 2015.

b) The above is an extract of the detailed format of Statement of Audited Financial Results for the quarter and half year ended on Sep 30, 2026 filed with the Stock Exchanges under Regulation 33 of the SEBI (Listing Obilgation and Disclosure Requirements) Regulations, 2015. The full format of the Statement of Audited Financial Results for the quarter and half year ended on 30th Sept, 2026, are available on the website of the Stock Exchanges - www.bseindia.com as well as on the website of the Company - www.suryofoods.com

By order of the Board
For Suryo Foods & Industries Limited
Sd/-

Date : 2nd November,2026
Place: Bhubaneswar

Amarendra Dash
( Chairman and Managing Director )

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ